READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୭ ୨୭ ଫେବୃଆରୀ - ୫ ମାର୍ଚ୍ଚ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-7 27th FEBRUARY - 5th MARCH, 2023 BHUBANESWAR ₹ 5/- (8 Pages)

### ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ପୂର୍ଣ୍ଣାଙ୍ଗ ବଜେଟ୍

# ୨୦୨୩-୨୪ ପାଇଁ ୨ ଲକ୍ଷ ୩୦ ହଜାର କୋଟି

**ଭୁବନେଶ୍ୱର :** ରାଜ୍ୟ ସରକାର ବିଧାନସଭାରେ ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ୨.୩୦ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ବଜେଟର ପରିମାଣ ୧୫% ବୃଦ୍ଧି ପାଇଛି। ବଜେଟ୍‌ରେ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବେ ୨୦ଟି ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହିସବୁ ପଦକ୍ଷେପ ରାଜ୍ୟରେ ଲୋକମାନଙ୍କୁ ସାମାଜିକ ସୁରକ୍ଷା ଦେବା ସହ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବ ବୋଲି ଆଶା କରାଯାଉଛି। ବଜେଟ ୨୦୨୩-୨୪ରେ ସରକାର ଧାନ ସଂଗ୍ରହ କାର୍ଯ୍ୟକ୍ରମ ନିମନ୍ତେ ପ୍ରଥମ କରି ୨୦୦୦ କୋଟି ଟଙ୍କାର ରିଭଲଭିଂ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଯାହା ଦ୍ୱାରାଚାଷୀଙ୍କୁ ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇପାରିବ। ରେକର୍ଡ ଅବଧିରେ ୧୪୭ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବର୍ତ୍ତନ ଆଣିବା ଲାଗି ଏଥର ବଜେଟରେ 'ଆମ ହସ୍ପିଟାଲ' ଯୋଜନା ଆରମ୍ଭ କରାଯାଇଛି। ଏଥିରେ ୭୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ମିଶନ ଶକ୍ତି ସ୍କୁଟର ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଇସି ସଦସ୍ୟଙ୍କୁ ବୈଦ୍ୟୁତିକ ସ୍କୁଟର ପାଇଁ ଆର୍ଥିକ ସହାୟତା ଦିଆଯିବ। ଏହି ଯୋଜନା ଅଧୀନରେ ସ୍କୁଟର କ୍ରୟ ପାଇଁ ନିଆଯାଇଥିବା ବ୍ୟାଙ୍କ ଋଣ ଉପରେ ସଦସ୍ୟ ସମ୍ପୂର୍ଣ୍ଣ ସୁଧ ରିଆତି ପାଇପାରିବେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲ୍ଲା, ବ୍ଲକ, ବିଦ୍ୟାଳୟ, ପ୍ରଧାନ ଶିକ୍ଷକ, ଶିକ୍ଷକ, ନିର୍ବାଚିତ ପଞ୍ଚାୟତିରାଜ ସଂସ୍ଥା,ଏସ୍ଏମ୍‌ସି/ଏସ୍ଏମ୍‌ଡିସି,ସିଆରସିସି, ବିଇଓ, ଡିଇଓ, ପୁରାତନ ଛାତ୍ର ସଂଘ ➤ ପୃ-୬



## ସର୍ବନିମ୍ନସ୍ତରରେ ରାଜ୍ୟର ଋଣବୋଝ

**ଭୁବନେଶ୍ୱର:** ୨୦୨୨-୨୩ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଅର୍ଥାତ ଚଳିତବର୍ଷ ମାର୍ଚ୍ଚ ମାସ ଶେଷସୁଦ୍ଧା ରାଜ୍ୟର ଋଣବୋଝ ୯୭ହଜାର ୩୭କୋଟି ୬୮ଲକ୍ଷ ଟଙ୍କାରେ ସୀମିତ ରହିବ। ଯାହାକି ସର୍ବନିମ୍ନସ୍ତରରେ ତଥା ରାଜ୍ୟ ଜିଡିପିର ୧୨.୬୭ପ୍ରତିଶତ। ରାଜ୍ୟ ସରକାର ରାଜ୍ୟ ଜିଡିପିର ୨୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥକୁ ଋଣ ଆକାରରେ ଆଣିବା ପାଇଁ ସକ୍ଷମ ହୋଇଥିଲେ ମଧ୍ୟ ଗତ କିଛିବର୍ଷ ଧରି ରାଜ୍ୟ ସରକାର ନିଜର ଋଣବୋଝକୁ କ୍ରମାଗତ ହ୍ରାସ କରିବାରେ ଲାଗିଛନ୍ତି। ଆଉ ରାଜ୍ୟ ସରକାରଙ୍କ ପାଇଁ ଓଏମବିଡିସି ଓ କାମ୍ପା ପାଣ୍ଠି ଏବେ ବରଦାନ ସାବ୍ୟସ୍ତ ହୋଇଛି। ଏହି ଦୁଇଟି ସ୍କିମରେ ଥିବା ବଳକା ପାଣ୍ଠିରୁ ପ୍ରାୟ ୬୦ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଖର୍ଚ୍ଚକୁ ସ୍ୱଳ୍ପମିଆଦୀ କମ୍ ➤ ପୃ-୬

### ମନ୍ତ୍ରୀ-ବିଧାୟକ-ମୁଖପାତ୍ରଙ୍କୁ ନବୀନଙ୍କ ମନ୍ତ୍ର

## ପ୍ରତି ଘରେ ପହଞ୍ଚାଅ ବଜେଟ୍‌ର ଅନ୍ତର୍ନିହିତ ବାର୍ତ୍ତା

**ଭୁବନେଶ୍ୱର :** ରାଜ୍ୟର ପ୍ରତି ପରିବାରରେ ପହଞ୍ଚିବ ରାଜ୍ୟ ସରକାରଙ୍କ ବିକାଶ ବାର୍ତ୍ତା। ରାଜ୍ୟବାସୀଙ୍କ ହିତ ଓ କଲ୍ୟାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସେମାନଙ୍କୁ ଅବଗତ କରାଯିବ। ଚଳିତ ବର୍ଷ ରାଜ୍ୟ ସରକାର ଆଗତ କରିଥିବା ବଜେଟ ସମ୍ପୂର୍ଣ୍ଣ ରୂପେ ରାଜ୍ୟର ଜନସାଧାରଣଙ୍କୁ ଉତ୍ସର୍ଗ କରାଯାଇଛି। ଚାଷୀ, ମହିଳା, ଯୁବବର୍ଗ, ଅନୁସୂଚୀତ ଜାତି ଓ ଜନଜାତି, ପଛୁଆ ଓ ସଂଖ୍ୟାଲଘୁ, ଛାତ୍ରଛାତ୍ରୀ, ସାଧାରଣ ଲୋକ ସମସ୍ତଙ୍କ ପାଇଁ ସରକାର ପ୍ରଭୁତ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ତେଣୁ ବଜେଟ୍‌ରେ ସରକାର ଲୋକଙ୍କ ପାଇଁ କି ପଦକ୍ଷେପ ନେଇଛନ୍ତି, ଏହାଦ୍ୱାରା ସେମାନେ କିପରି ଉପକୃତ ହେବେ ତାହାକୁ ଦଳୀୟ ନେତା ଓ କର୍ମୀମାନେ ସାଧାରଣ ଲୋକଙ୍କୁ ସୂଚୀତ କରିବେ। ପ୍ରତି ବ୍ଲକ୍‌ରେ ବୁଦ୍ଧିଜୀବୀ ଓ କର୍ମୀ ସମ୍ମିଳନୀ ଆୟୋଜନ କରିବାକୁ ଦଳୀୟ ବିଧାୟକ, ମୁଖପାତ୍ର ଓ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଗାମୀ ୨୦୨୩-୨୪ ଆର୍ଥିକ ବର୍ଷ ବଜେଟ୍ ଉପସ୍ଥାପନ ପରେ ନବୀନ ନିବାସରେ ଏକତ୍ରିତ ହୋଇଥିବା ଦଳୀୟ ବିଧାୟକ, ମୁଖପାତ୍ର ଓ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଚଳିତ ବଜେଟ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ୨୦୦୦ ମସିହା ଓ ୨୦୨୩ ମସିହା ବଜେଟର ତୁଳନାତ୍ମକ ତଥ୍ୟ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ନିମନ୍ତେ ବିଜୁଜନତା ଦଳର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଚଳିତ ବଜେଟ୍ରେ ହାତକୁ ନିଆଯାଇଥିବା ନୂଆ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗୋଟିଗୋଟି କରି ଦଳୀୟ ➤ ପୃ-୬

### ଚାର୍ଜଫ୍ରେମ ହୋଇଥିବା ରାଜନେତା ନିର୍ବାଚନ ଲଢ଼ିପାରିବେ କି ?

## କେନ୍ଦ୍ର ଓ ଇସିଙ୍କୁ ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ:** ଯେଉଁ ସବୁ ରାଜନେତାଙ୍କ ନାଁରେ ଅତ୍ୟନ୍ତ ସମ୍ବେଦନଶୀଳ ମାମଲାରେ ଚାର୍ଜଫ୍ରେମ ହୋଇଛି ଓ ସେମାନେ ଏକାଧିକ ଅସାମାଜିକ କାମରେ ଲିପ୍ତ ରହିଛନ୍ତି, ସେମାନଙ୍କୁ ନିର୍ବାଚନ ଲଢ଼ିବାକୁ ଅନୁମତି ନ ମିଳିବା ଦରକାର ବୋଲି ଦାବି କରି ହୋଇଥିବା ଆବେଦନର ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। ଆବେଦନକାରୀ ଏପରି ରାଜନେତାଙ୍କ ବିଧାୟକ, ସାଂସଦ ଓ ମନ୍ତ୍ରୀ ପଦ ମଧ୍ୟ ରଦ୍ଦ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ କେଏସ୍ ଯୋଶେଫ ଓ ଜଷ୍ଟିସ ବିଭି ନାଗରତ୍ନାଙ୍କ ଖଣ୍ଡପୀଠ କହିଛନ୍ତି, ଯଦି ଆମେ ସମସ୍ତେ ଗୋଟିଏ ଦେଶ ଭାବେ ରହିବା, ତା'ହେଲେ ସମସ୍ତଙ୍କ ➤ ପୃ-୬



### ସମାଧାନ ନହୋଇ ପଡ଼ିରହିଛି ୩୫ ହଜାରରୁ ଅଧିକ ଅଭିଯୋଗ

## ବ୍ୟବସ୍ଥାକୁ ଉପହାସ

**ଭୁବନେଶ୍ୱର :** ସାଧାରଣ ଲୋକଙ୍କଠୁ ମିଳିଥିବା ଅଭିଯୋଗର ପ୍ରାୟ ୩୫% ଏବେବି ସମାଧାନ ନହୋଇ ସରକାରୀସ୍ତରରେ ପଡ଼ିରହିଛି। ୫-ଟି, ମୋ ସରକାର ଓ ଜନଶୁଣାଣି ଭଳି ଜନକେନ୍ଦ୍ରିକ ସଂସ୍କାର ଆଣି ସାଧାରଣ ଲୋକଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇବାକୁ ରାଜ୍ୟ ସରକାର କରିଥିବା ଉଦ୍ୟମ ବାସ୍ତବରେ ଫେଲ୍ ମାରିଥିବା ଜଣାପଡିଛି। ରାଜ୍ୟ ସରକାର ୫-ଟି ବ୍ୟବସ୍ଥାରେ ଟ୍ରାନ୍ସପରେନ୍ସି ଓ ଟାଇମ୍ ମ୍ୟାନେଜମେଣ୍ଟର କଥା କହୁଥିବାବେଳେ ସାଧାରଣ ଲୋକଙ୍କ ଅଭିଯୋଗ ଦୀର୍ଘଦିନ ଧରି ପଡ଼ି ରହିବା ପରୋକ୍ଷରେ ସାଧାରଣ ଲୋକଙ୍କ ପାଇଁ ୫-ଟି ବ୍ୟବସ୍ଥା ଉପହାସ ପାଲଟିଛି। ଓଡ଼ିଶା ଅର୍ଥନୀତିକ ସର୍ଭେ ରିପୋର୍ଟ-୨୦୨୨-୨୩ ରେ ରାଜ୍ୟ ସରକାର ଦାବି କରିଛନ୍ତି ଯେ, ସାଧାରଣ ଲୋକେ ନିଜର ଅଭିଯୋଗକୁ ବିଭିନ୍ନ ମାଧ୍ୟମରେ ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚାଉଛନ୍ତି। ମୋଟ ୧ଲକ୍ଷ ୨୮ଟି ଅଭିଯୋଗ ମିଳିଥିବାବେଳେ ଦିନକୁ ହାରାହାରି ୩୦୦ ଅଭିଯୋଗ ସରକାରଙ୍କୁ ମିଳୁଛି। ବ୍ୟକ୍ତିଗତ ଭାବେ ୨୩,୩୭୨ଟି, ଚିଠି ମାଧ୍ୟମରେ ୧୨୧୩୦ଟି, ୱେବସାଇଟ୍ ମାଧ୍ୟମରେ ୪୪୪୧୧ଟି, ହ୍ୱାଟସଅପରେ ୧୩୭୫୯ଟି ଓ ମୋବାଇଲ ଆପ୍ ମାଧ୍ୟମରେ ୫୪୯୭ଟି ଅଭିଯୋଗ ମିଳିଛି। ➤ ପୃ-୬

### ବକ୍ରବାଣୀ



ବାପାଙ୍କ ସ୍ୱପ୍ନ ପୁରା କରିବାକୁ
ଝୁଅଟା ହେଲାକି ବାୟାଣୀ
କିଏ ସେ ମାଇଲା କଉଥି ପାଇଁ
ଅଛିକି ଝୁଅର ଭାଳେଣି
ବାପା ଦେଖୁଥିଲେ ବଡ଼ ସପନ
ଶାସନର ମଙ୍ଗ ଧରିବେ
ସେଇ ସ୍ୱପ୍ନ ତାଙ୍କ ଜୀବନ ନେଲା
ଇୟେ କିବା ପୁରା କରିବେ
ସିମ୍ପାଥି ହାତେଇ ଏମେଲେ ହୁଅ
ଅଧୁରା ସପନ କଥା ନ କୁହ।

—— ଟୁଟୁ

## ତିର୍ତ୍ତୋଲ ବିଧାୟକଙ୍କ ସୁରକ୍ଷା ପାଇଁ ଏସଏଚ୍‌ଜି ମହିଳାଙ୍କ ମାଙ୍କଡ ଉପାଖ୍ୟାନ

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ବିଧାନସଭା ବଜେଟ୍ ଅଧିବେଶନ ଚାଲିବା ପୂର୍ବରୁ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୁଦ୍ଧରେ ଥିବା ଦୁର୍ଷ୍କର୍ମ ଘଟଣା ଯେପରି ବିଧାନସଭାକୁ ନଆସିବ ଓ ବିଧାୟକଙ୍କୁ ସୁରକ୍ଷା ଦିଆଯାଇ ପାରିବ ସେ ନେଇ ରଘୁନାଥପୁର ମଦନମୋହନ ମଠ ପ୍ରାଙ୍ଗଣରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ତିନି ବ୍ଲକରୁ କିଛି ଏସଏଚ୍‌ଜି ମହିଳା ଆସି ଏକ ସାମ୍ବାଦିକ ସମ୍ମିଳନୀ କରିବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟି ଥିଲା। ତିର୍ତ୍ତୋଲ ବିଧାୟକ ଶ୍ରୀ ଦାସଙ୍କ ବାନ୍ଧବୀ ସୋମାଲିକା ଦାଶଙ୍କ ବିରୁଦ୍ଧରେ ଦୁର୍ଷ୍କର୍ମ ମାମଲା ଆଣି ଜଗତସିଂହପୁର ଥାନାରେ ଏତଲା ଦେବାର ଏଥି ମଧ୍ୟରେ ୯ମାସ ବିତିଯାଇଥିଲେ ବି ମାମଲାର ତଦନ୍ତ କରାଗଲା ନାହିଁକି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଫଳରେ ସୋମାଲିକା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ଥାନା ପକ୍ଷରୁ ମାମଲା ରୁଜୁ କରାଗଲା, ହେଲେ ଏପର୍ଯ୍ୟନ୍ତ ବିଧାୟକଙ୍କୁ ପଚରାଗଲା ନାହିଁ କି ଗିରଫ ବି କରାଯାଇପାରିଲା ନାହିଁ। ସେ ନିଜ ନିର୍ବାଚନ ମଣ୍ଡଳୀରେ ବୁଲୁଥିଲେ ବି ପୋଲିସ କର୍ତ୍ତୃପକ୍ଷ ଜାଣି ବି ଅଜଣା ପରି ବୁଲୁଛନ୍ତି। ବିଧାନସଭା ଚାଲିବା ଆଗରୁ ସୋମାଲିକା ଭୁବନେଶ୍ୱର ଯାଇ ବିରୋଧୀ ଦଳ ନେତାଙ୍କୁ ଭେଟି ବିଧାନସଭାରେ ଏ ପ୍ରସଙ୍ଗ ଉଠାଇ ସେ ଆଣିଥିବା ଅଭିଯୋଗ ଗୁଡିକର ନିରପେକ୍ଷ ତଦନ୍ତ କରିବାକୁ ଦାବି ଜଣାଇଥିଲେ। ଏହି ଘଟଣା ବାହାରକୁ ଆସିବା ପରେ ବିଧାୟକଙ୍କ କିଛି ହାତଗଣତି ନେତାଙ୍କ ଜରିଆରେ ଏସଏଚ୍‌ଜି ମହିଳାଙ୍କ ଦ୍ୱାରା ବିଧାୟକ ନିର୍ଦ୍ଦୋଷ ବୋଲି ଯେଉଁ ମାଙ୍କଡ ଉପାଖ୍ୟାନ ଆରମ୍ଭ କରି ଗଣମାଧ୍ୟମ ଆଗରେ ଯାହା ପ୍ରକାଶ କରିଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଉଭୟ କଂଗ୍ରେସ ଓ ବିଜେପି ମହିଳା ଗୋଷ୍ଠୀ ପକ୍ଷରୁ ପ୍ରତିକ୍ଷା ପ୍ରକାଶ କରାଯାଇଛି। ଜଣେ ମହିଳାଙ୍କ ଜୀବନ ଉପରେ ତିର୍ତ୍ତୋଲ ବିଧାୟକ ଯେଉଁ କାର୍ଯ୍ୟ କରିଛନ୍ତି ତାକୁ ନେଇ ଏସଏଚ୍‌ଜି ମହିଳା ଗୋଷ୍ଠୀ ଦ୍ୱାରା ଯେଉଁ ➤ ପୃ-୬



## ପ୍ରାକୃତିକ ବିପର୍ଯ୍ୟୟ; ୯ବର୍ଷରେ ୨୫ହଜାର କୋଟି କ୍ଷତି

**ଭୁବନେଶ୍ୱର :** ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶାକୁ ଗତ ୯ବର୍ଷ ମଧ୍ୟରେ ପ୍ରାୟ ୨୪୯୯୧ହଜାର କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ମରୁଡ଼ି ଯୋଗୁ ଧନଜୀବନ ହାନି ସହ ସାର୍ବଜନୀନ ସମ୍ପତ୍ତି ଓ ଫସଲ ଆଦି ନଷ୍ଟ ହେଉଥିବାରୁ ରାଜ୍ୟର ଆର୍ଥିକ ପ୍ରଗତିରେ ଏହା ପ୍ରତିବନ୍ଧକ ହୋଇଥିବା ଜଣାପଡ଼ିଛି। ରାଜ୍ୟ ଅର୍ଥ ବିଭାଗର ତଥ୍ୟ ଅନୁସାରେ, ୨୦୧୪ ମସିହାରୁ ଓଡ଼ିଶା ନିୟମିତ ଭାବେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆର୍ଥିକ କ୍ଷତି ସହିଛି। ଓଡ଼ିଶା ୨୦୧୪ ମସିହାରେ ବାତ୍ୟା ହୁଡୁହୁଡୁ ଯୋଗୁ ୪୯୪୯ କୋଟି ଟଙ୍କା କ୍ଷତି ସହିଥିବାବେଳେ ୨୦୧୫ରେ ମରୁଡ଼ି ଯୋଗ ୨୩୪୫କୋଟି, ୨୦୧୬ରେ ବନ୍ୟା ଯୋଗୁ ୩୧କୋଟି, ୨୦୧୭ରେ ବନ୍ୟା ଯୋଗୁ ୨୧୬କୋଟି ଟଙ୍କା, ୨୦୧୮ ମସିହାରେ ବାତ୍ୟା ତିତଲି ଓ ବନ୍ୟା ଯୋଗୁ ୨୭୭୯.୩୨କୋଟି ଟଙ୍କା ଏବଂ ମରୁଡ଼ି ଯୋଗୁ ୧୫୩୪.୮୨କୋଟି ଟଙ୍କା, ୨୦୧୯ରେ ବାତ୍ୟା ଫନି ଯୋଗୁ ୯୩୩୭.୨୭କୋଟି ଟଙ୍କା ଓ ବାତ୍ୟା ବୁଲବୁଲରେ ୨୨୪.୪୩କୋଟି ଟଙ୍କା, ୨୦୨୦ରେ ବାତ୍ୟା ଅମ୍ପାନ ଯୋଗୁ ୨୩୬.୬୮କୋଟି ଟଙ୍କା, ବନ୍ୟାରେ ୧୫୦୯.୩୩କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ସେହିପରି ୨୦୨୧ ମସିହାରେ ବାତ୍ୟା ୟସରେ ୮୨୩.୪୯କୋଟି ଟଙ୍କା, ବାତ୍ୟା ଗୁଲାବରେ ୩୫.୬୯କୋଟି ଟଙ୍କା ଓ ବାତ୍ୟା ଜୱାଦରେ ୩୭୬.୬୫କୋଟି ଟଙ୍କା କ୍ଷତି ହୋଇଥିଲା। ➤ ପୃ-୬






### ଅର୍ଥନୀତିକ ସର୍ଭେ ରିପୋର୍ଟ

## ୨୦୨୨-୨୩ରେ ଅଭିବୃଦ୍ଧି ହାର ୭.୮% ରହିବ

**ଭୁବନେଶ୍ୱର:** ଓଡ଼ିଶା ଏବେ ଦେଶର ସବୁଠୁ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବା ଅନ୍ୟତମ ରାଜ୍ୟ। ରାଜ୍ୟର ଆର୍ଥିକ ଶୃଙ୍ଖଳା ଓଡ଼ିଶାର ଅର୍ଥନୀତିକୁ ବେଶ୍ ସୁଦୃଢ଼ ସ୍ଥିତିରେ ରଖିଛି। ଜାତୀୟ ହାର ତୁଳନାରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ଅଧିକ ରହିଛି। ୧୫ବର୍ଷ ଧରି ରାଜସ୍ୱ ବଳକା ରାଜ୍ୟ ହୋଇ ରହିଛି। ରାଜ୍ୟ ଜିଡିପି ଓ ଋଣ ବୋଝ ଅନୁପାତ କ୍ରମାଗତ ହ୍ରାସ ପାଇ ୧୪.୭%କୁ ପହଞ୍ଚିବ। କୋଭିଡ୍ ମହାମାରୀ ଓ ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ଓଡ଼ିଶାର ଅଭିବୃଦ୍ଧି ହାର ୨୦୨୨-୨୩ରେ ୭.୮% ରହିବ। ଏପରିକି ୨୦୨୩-୨୪ରେ ଏହି ଅଭିବୃଦ୍ଧି ୮ରୁ ସାଢ଼େ ୮ ପ୍ରତିଶତକୁ ଛୁଇଁପାରେ ବୋଲି ସରକାର ଆକଳନ କରିଛନ୍ତି। ଅର୍ଥନୀତିକ ସର୍ଭେ ରିପୋର୍ଟରେ ରାଜ୍ୟ ଅର୍ଥନୀତିର ଏଭଳି ଗୋଲାପୀ ଚିତ୍ର ଦେଇଥିବା ଓଡ଼ିଶା ସରକାର କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଆଦି କ୍ଷେତ୍ରରେ ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ମୁଣ୍ଡପିଛା ବ୍ୟୟରେ ବହୁ ପଛରେ ରହିଛନ୍ତି। ତା'ଛଡ଼ା ୨୦୨୧-୨୨ରେ ୧୧.୫% ହାରରେ ଆର୍ଥିକ ଅଭିବୃଦ୍ଧି କରିଥିବା ଓଡ଼ିଶା ୨୦୨୨-୨୩ରେ ୭.୮%କୁ ଖସିଆସିବ ବୋଲି ଅର୍ଥନୀତିକ ସର୍ଭେରେ ଅଗ୍ରୀମ ଆକଳନ ହୋଇଛି। କିନ୍ତୁ ଏହି ନୈରାଶ୍ୟଜନକ ଅଭିବୃଦ୍ଧି ହ୍ରାସର କାରଣ ସମ୍ପର୍କରେ କିଛି ଦର୍ଶାଇନଥିବା ସରକାର ୨୦୨୧-୨୨ର ଅଭିବୃଦ୍ଧି ହାର ଜାରି ରହିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ବିଧାନସଭାରେ ୨୦୨୩-୨୪ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ଆସିବା ପୂର୍ବରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓଡ଼ିଶା ଅର୍ଥନୀତିକ ସର୍ଭେ ରିପୋର୍ଟ ୨୦୨୨-୨୩କୁ ଉପସ୍ଥାପନ କରିଥିଲେ। ରାଜ୍ୟର ମୁଣ୍ଡପିଛା ଆୟ ୨୦୨୨-୨୩ ଆର୍ଥିକ ବର୍ଷରେ ୧ଲକ୍ଷ ୫୦ହଜାର ୬୭୬ଟଙ୍କାର ଅଗ୍ରୀମ ଆକଳନ ହୋଇଛି। ଏହି ମୁଣ୍ଡ ପିଛା ଆୟ ୨୦୧୫-୧୬ରେ ୯୪,୭୯୭ଟଙ୍କା ରହିଥିଲା। ୨୦୧୧-୧୨ ମସିହା ତୁଳନାରେ ରାଜ୍ୟରେ ମୁଣ୍ଡପିଛା ଆୟ ପ୍ରାୟ ୩ଗୁଣ ବୃଦ୍ଧି ପାଇଛି ଓ ଏହି ଅବଧି ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ୨.୭ଗୁଣ ବୃଦ୍ଧି ପାଇଛି ବୋଲି ଅର୍ଥନୀତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ ରହିଛି । ସେହିପରି ୨୦୧୨-୧୩ରୁ ୨୦୧୯-୨୦ ମସିହା ମଧ୍ୟରେ ରାଜ୍ୟରେ ୭.୧% ହାରରେ ଆର୍ଥିକ ଅଭିବୃଦ୍ଧି ହେଉଥିବାବେଳେ କୋଭିଡ୍ ମହାମାରୀ ସତ୍ତ୍ୱେ ୨୦୨୧-୨୨ରେ ୧୧.୫% ହାରରେ ଅଭିବୃଦ୍ଧି ହୋଇଥିଲା । କିନ୍ତୁ ୨୦୨୨-୨୩ରେ ଏହି ଅଭିବୃଦ୍ଧି ହାର ତୁଳନାତ୍ମକ ଭାବେ ନୈରାଶ୍ୟଜନକ ରହିଛି ତଥା ୭.୮%କୁ ହ୍ରାସ ପାଇବ ବୋଲି ଅର୍ଥନୀତିକ ସର୍ଭେ ରିପୋର୍ଟ ଆକଳନ ହୋଇଛି । ଯଦିଓ ଆନ୍ତର୍ଜାତିକ ଯୁଦ୍ଧ ପରିସ୍ଥିତି, ଜିଏସଟି କ୍ଷତିପୂରଣ ବନ୍ଦ, ଅସ୍ଥିର ଖଣି ରାଜସ୍ୱ, କେନ୍ଦ୍ରୀୟ ଟିକସ ଭାଗିଦାରୀ ହ୍ରାସ, ପିପିପି ମୋଡରେ ଭିତ୍ତିଭୂମି ବ୍ୟୟ , ଶକ୍ତି କ୍ଷେତ୍ର ପାଇଁ ଗ୍ୟାରେଣ୍ଟର ଏବଂ ବାରମ୍ବାର ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ**
ମନ ଅସ୍ଥିର ରହିବ। ବହୁ ଦିନର ପ୍ରତିକ୍ଷିତ କାର୍ଯ୍ୟ ପୂର୍ଣ୍ଣ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇଷବ। ଘର ଓ ଗାଡିରେ ନିବେଶ କରିପାରନ୍ତି। ମହିଳାଙ୍କ ସହ କଥଣ ହେବେ। ପ୍ରତିକାର : କଞ୍ଚା କ୍ଷୀର ଶିବଲିଙ୍ଗରେ ଚଢ଼ାନ୍ତୁ।

**ବୃଷ**
ଭାଗୀଦାର ବ୍ୟବସାୟ ପାଇଁ ସମୟ ଅନୁକୂଳ। ଦୃଢ଼ ନିଷ୍ପତ୍ତି ନିଅନ୍ତୁ। ଛାତ୍ରମାନେ କୁସଂଗତିରେ ପଡିପାରନ୍ତି। ସମ୍ପର୍କ ବିବାହରେ ପରିଣତ ହୋଇପାରେ। ବିଦେଶ ଭ୍ରମଣର ଯୋଗ ଅଛି। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ମିଥୁନ**
କାର୍ଯ୍ୟ ବ୍ୟସ୍ତତା ବଢ଼ିବ। ଧୈର୍ଯ୍ୟ ରଖନ୍ତୁ। ନିଜ ବାଣୀରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ବିରୋଧୀଙ୍କ ଦୃଷ୍ଟି ହଟାନ୍ତୁ। ସ୍ୱାସ୍ଥ୍ୟ ସମସ୍ୟା ରହିବ। ପ୍ରେମ ସମ୍ପର୍କ ଦୃଢ଼ ହେବ। ପ୍ରତିକାର : ଭଗବାନ ଗଣେଷଙ୍କୁ ଦୁବ ଚଢ଼ାନ୍ତୁ।

**କର୍କଟ**
ଘରେ ବିବାଦ ଦେଖାଦେଇପାରେ। ଭୂମି ଓ ବାହାନ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ହୋଇପାରେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ସୋମବାର ଦିନ ଶିବଙ୍କୁ କ୍ଷୀର ଓ ଶୁକ୍ରବାର ଦିନ ଦହି ଚଢ଼ାନ୍ତୁ।

**ସିଂହ**
ଅଟକି ଥିବା କାମ ପୁରା ହେବ। କାର୍ଯ୍ୟ କ୍ଷେତ୍ରରେ ସମ୍ମାନ ମିଳିବ। ବ୍ୟବସାୟରେ ବଢ଼ିବ। ବାହାନ କିଣିପାରନ୍ତି। ପ୍ରେମ ମଜବୁତ ରହିବ। ପ୍ରତିକାର : ଘିଅ ଦୀପ ଜାଳନ୍ତୁ ଓ ହନୁମାନ ଚାଳିଶା ପାଠ କରନ୍ତୁ।

**କନ୍ୟା**
ମନକାମନା ପୂର୍ଣ୍ଣ ହେବ। ଚାହୁଁଥିବା ସ୍ଥାନକୁ ବଦଳି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦୂର ହେବ। ଖାଦ୍ୟରେ ଧ୍ୟାନ ଦିଅନ୍ତୁ। ପ୍ରତିକାର : ଭଗବାନ ଗଣେଷଙ୍କୁ ପୂଜାର୍ଚ୍ଚନା କରନ୍ତୁ। ଗାୟତ୍ରୀ ମନ୍ତ୍ରୀ ଜପ କରନ୍ତୁ।

**ତୁଳା**
ସ୍ୱାସ୍ଥ୍ୟ ବିଗିଡିପାରେ। ସମସ୍ୟାର ସମାଧାନ ବାହାର କରନ୍ତୁ। ଛାତ୍ରମାନେ ପାଠପଢ଼ି ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ତାଳମେଳ ରଖନ୍ତୁ। ଜୀବନସାଥୀଙ୍କୁ ମନକଥା କହନ୍ତୁ। ପ୍ରତିକାର : ଓଁ ନମଃ ଶିବାୟ ଜପନ୍ତୁ।

**ବିଛା**
ଧନପ୍ରାପ୍ତି ଯୋଗ ଅଛି। ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ। କୌଣସି ପ୍ରଭାବୀ ଲୋକଙ୍କ ସହଯୋଗ ପାଇବେ। ପ୍ରେମୀ ସହିତ ସମୟ କଟାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରତିକାର : ହନୁମାନଜୀଙ୍କୁ ପୂଜା କରନ୍ତୁ।

**ଧନୁ**
କୌଣସି ମିତ୍ରଙ୍କ ସହଯୋଗରୁ ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ପରିବାରରେ ଶୁଭ ଖବର ମିଳିବ। ଦୂରଯାତ୍ରା କରିପାରନ୍ତି। ଘର ତିଆରି ପାଇଁ ଧନ ଖର୍ଚ୍ଚ କରିପାରନ୍ତି। ପ୍ରତିକାର : ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ମକର**
ରୋଜଗାର ସମ୍ବନ୍ଧୀୟ ପ୍ରତିବନ୍ଧକ ଦୂର ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ମତଭେଦରୁ ଦୂରେଇ ରହନ୍ତୁ। ପତିପତ୍ନୀଭ୍‌କୁ ଭିତରେ ଦୂରତା କମିବ। ପ୍ରତିକାର : ସୁନ୍ଦରକାଣ୍ଡ ପାଠ କରନ୍ତୁ।

**କୁମ୍ଭ**
ଅଳସୁଆ ହୁଅନ୍ତୁ ନାହିଁ। ଲୋକଙ୍କୁ କଷ୍ଟ ଦିଅନ୍ତୁ ନାହିଁ। ଧୋକା ହୋଇପାରନ୍ତି। ଛାତ୍ରମାନେ ସୁଖବର ପାଇପାରନ୍ତି। ପ୍ରେମରେ ମତାନ୍ତର ହୋଇପାରେ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରତିକାର : ଶିବ ଚାଳିଶା ପାଠ କରନ୍ତୁ। ଶନିଦେବଙ୍କୁ ପୂଜା କରନ୍ତୁ।

**ମୀନ**
କାର୍ଯ୍ୟ ପୂର୍ତ୍ତି ପାଇଁ କଠିନ ପରିଶ୍ରମ ପଡିପାରେ। ପଦୋନ୍ନତି ହୋଇପାରେ। ଜମିବାଡି ବିକ୍ରିରେ ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ପ୍ରେମ ପାଇଁ ସମୟ ଅନୁକୂଳ। ପ୍ରତିକାର : ନାରାୟଣ କବଚ ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ‘ପ୍ରତି ୨ ମିନିଟ୍‌ରେ ଜଣେ ମହିଳା ଗର୍ଭଧାରଣ କିମ୍ବା ଶିଶୁ ଜନ୍ମ ସମୟରେ ପ୍ରାଣ ହାରୁଛନ୍ତି’

**ଜେନେଭା :** ଗର୍ଭଧାରଣ କିମ୍ବା ସନ୍ତାନ ଜନ୍ମ ସମୟରେ କୌଣସି ଜଟିଳତା ପାଇଁ ପ୍ରତି ୨ ମିନିଟରେ ଜଣେ ମହିଳାଙ୍କ ମୃତ୍ୟୁ ହେଉଛି। ୨୦ ବର୍ଷରେ ମାତୃ ମୃତ୍ୟୁହାର ଏକ ତୃତୀୟାଂଶ ହ୍ରାସ ପାଇଥିଲେ ବି ପ୍ରତି ୨ ମିନିଟ୍‌ରେ ଜଣେ ମହିଳାଙ୍କ ଗର୍ଭଧାରଣ କିମ୍ବା ପିଲା ଜନ୍ମ ସମୟରେ ମୃତ୍ୟୁ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରୁ ଜଣାପଡ଼ିଛି। ୨୦୦୦ରୁ ୨୦୧୫ ମଧ୍ୟରେ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ ପାଇଛି କିନ୍ତୁ ୨୦୧୬ରୁ ୨୦୨୦ ମଧ୍ୟରେ ମାତୃ ମୃତ୍ୟୁହାର ସ୍ଥିର ରହିଛି। ୨୦ ବର୍ଷ ମଧ୍ୟରେ ମୋଟ୍ ମାତୃ ମୃତ୍ୟୁହାର ୩୪.୩ ପ୍ରତିଶତ ହ୍ରାସ ପାଇଛି। ୨୦୦୦ ମସିହାରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ୩୩୮ ମାତୃ ମୃତ୍ୟୁ ହୋଇଥିବା ବେଳେ ୨୦୨୦ରେ ଏହି ସଂଖ୍ୟା ୨୨୩କୁ ଖସିଥିଲା। ଏହାର ଅର୍ଥ ୨୦୨୦ରେ ପ୍ରତି ଦିନ ୮୦୦ ମହିଳା ଗର୍ଭଧାରଣ କିମ୍ବା ଶିଶୁ ଜନ୍ମ ସମୟରେ ପ୍ରାଣ ହାରୁଛନ୍ତି। ଅର୍ଥାତ ପ୍ରତି ୨ ମିନିଟ୍ରେ ଜଣେ ମହିଳାଙ୍କ ଗର୍ଭଧାରଣ ସମୟରେ ମୃତ୍ୟୁ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରସ ଆଦନମ କହିଛନ୍ତି, ନୂଆ ପରିସଂଖ୍ୟାନ ଏହା କହୁଛି ଯେ ଏବେ ବି ପ୍ରତି ମହିଳାଙ୍କୁ ଗର୍ଭଧାରଣ ସମୟରେ




ଉତ୍ତମ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ଅଛି। ରିପୋର୍ଟ ଅନୁଯାୟୀ ୨୦୧୬ରୁ ୨୦୨୦ ମଧ୍ୟରେ ୮ଟି ଜାତିସଂଘ ଅଞ୍ଚଳରୁ କେବଳ ୨ଟିରେ ମାତୃ ମୃତ୍ୟୁହାର ହ୍ରାସ ହୋଇଛି। ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ୩୫ ପ୍ରତିଶତ ମାତୃ ମୃତ୍ୟୁହାର ହ୍ରାସ ହୋଇଥିବା ବେଳେ କେନ୍ଦ୍ରୀୟ ଏବଂ ଦକ୍ଷିଣ ଏସିଆରେ ୧୬ ପ୍ରତିଶତ ମାତୃ ମୃତ୍ୟୁହାର ହ୍ରାସ ପାଇଛି। ତେବେ ୟୁରୋପ ଏବଂ ଉତ୍ତର ଆମେରିକାରେ ମାତୃ ମୃତ୍ୟୁହାର ୧୭ ପ୍ରତିଶତ ବୃଦ୍ଧି ହୋଇଛି। ୨ ୟୁରୋପୀୟ ରାଷ୍ଟ୍ର ଗ୍ରିସ ଏବଂ ସାଇପ୍ରସ୍‌ର ମାତୃ ମୃତ୍ୟୁ ହାର ବୃଦ୍ଧି ପାଇଛି। ୨୦୨୦ରେ ରେକର୍ଡ ହୋଇଥିବା ମୋଟ୍ ମାତୃ ମୃତ୍ୟୁର ୭୦ ପ୍ରତିଶତ ଆଫ୍ରିକାରେ ରେକର୍ଡ ହୋଇଛି। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ କ୍ରେସଓ୍ୱେଲ ତୁଳନାରେ ମାତୃ ମୃତ୍ୟୁହାର ଏଠାରେ ୧୩୬ ଗୁଣା ଅଧିକ। ଆଫଗାନିସ୍ତାନ, ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ, ଚାଡ଼, ଡିମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ, ସୋମାଲିଆ, ସାଉଥ ସୁଦାନ, ସିରିୟା ଏବଂ ୟେମେନରେ ଅତି ସାଂଘାତିକ ମାନବୀୟ ସଙ୍କଟ ଦେଖାଦେଇଛି। ବିଶ୍ୱ ହାରାହାରିଠାରୁ ଏଠାରେ ମାତୃ ମୃତ୍ୟୁହାର ୨ ଗୁଣା ଅଧିକ। ରିପୋର୍ଟ ଅନୁଯାୟୀ ଅତ୍ୟଧିକ ରକ୍ତସ୍ରାବ, ସଂକ୍ରମଣ, ଅସୁରକ୍ଷିତ ଆବୋର୍ସନର ଜଟିଳତା ଏବଂ ଏଚ୍‌ଆଇଭି/ ଏଡ୍‌ସ ଭଳି ବିଭିନ୍ନ ସମସ୍ୟା ମାତୃ ମୃତ୍ୟୁର ବିଭିନ୍ନ ପ୍ରମୁଖ କାରଣ।

### ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

# ପ୍ରଥମ ଶ୍ରେଣୀରେ ନାମଲେଖା ସର୍ବନିମ୍ନ ବୟସ ୬

**ନୂଆଦିଲ୍ଲୀ :** ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ସର୍ବନିମ୍ନ ବୟସ ୬ ବର୍ଷ ଧାର୍ଯ୍ୟ କରିବାକୁ ଶିକ୍ଷା ମନ୍ତ୍ରାଳୟ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। ନୂତନ ଜାତୀୟ ଶିକ୍ଷା ନୀତି (ଏନଇପି) ଅନୁଯାୟୀ, ମୂଳ ପର୍ଯ୍ୟାୟରେ ସମସ୍ତ ପିଲାଙ୍କ ପାଇଁ ପାଞ୍ଚ ବର୍ଷର ଶିକ୍ଷଣ ସୁଯୋଗ (୩ରୁ ୮ ବର୍ଷ ମଧ୍ୟରେ) ରହିଛି, ଯେଉଁଥିରେ ତିନି ବର୍ଷର (ପ୍ରି) ପ୍ରାକ୍-ସ୍କୁଲ ଶିକ୍ଷା ଏବଂ ଏହା ପରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଅନ୍ତର୍ଭୁକ୍ତ। ତେଣୁ ଏହି ନୀତି ପ୍ରି-ସ୍କୁଲରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ନିରବଚ୍ଛିନ୍ନ ଶିକ୍ଷଣ ଓ ବିକାଶକୁ ପ୍ରୋତ୍ସାହିତ କରୁଛି। ଅଙ୍ଗନଓ୍ୱାଡ଼ି କିମ୍ବା ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ଏବଂ ଏନଜିଓ ଦ୍ୱାରା ପରିଚାଳିତ ପ୍ରି-ସ୍କୁଲ ସେଣ୍ଟରରେ ପଢୁଥିବା ସମସ୍ତ ପିଲାଙ୍କ ପାଇଁ ତିନି ବର୍ଷର ଗୁଣାତ୍ମକ ପ୍ରାଥମିକ ଶିକ୍ଷା ଉପଲବ୍ଧ କରାଇବା ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ମନ୍ତ୍ରାଳୟର ଜଣେ



ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରାଳୟ ଦେଶର ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି ଯେ ସେମାନେ ପିଲାଙ୍କ ବୟସକୁ ଏହି ନୀତି ସହିତ ଯୋଡ଼ିବା ଏବଂ ୬ ବର୍ଷ କିମ୍ବା ତା’ଠାରୁ ଅଧିକ ବୟସରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ବ୍ୟବସ୍ଥା କରନ୍ତୁ। ପିଲାଙ୍କ ମାନସିକତା ଓ ମାନସିକ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସେମାନଙ୍କୁ ଖୁବ୍ କମ୍ ବୟସରୁ ସ୍କୁଲକୁ ପଠାଇବା ଅନୁଚିତ ବୋଲି ସୁପ୍ରିମ୍ କୋର୍ଟ ଗତବର୍ଷ କହିଥିଲେ। ମନ୍ତ୍ରାଳୟର ଅଧିକାରୀମାନେ କହିଛନ୍ତି ଯେ ମୂଳ ସ୍ତରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯୋଗ୍ୟ ଶିକ୍ଷକଙ୍କ ଉପଲବ୍ଧତା; ଯେଉଁମାନେ ବୟସ ଏବଂ ବିକାଶମୂଳକ ଉପଯୁକ୍ତ ପାଠ୍ୟକ୍ରମ ଏବଂ ଶିକ୍ଷାଦାନରେ ବିଶେଷ ଭାବରେ ପ୍ରଶିକ୍ଷିତ ଅଟନ୍ତି। ତେଣୁ, ମନ୍ତ୍ରାଳୟ ରାଜ୍ୟଗୁଡ଼ିକୁ ନିଜ ନିଜ ଅଧୀନରେ ଦୁଇ ବର୍ଷିଆ ଡିପ୍ଲୋମା ଇନ୍ ପ୍ରି-ସ୍କୁଲ ଏଜୁକେସନ୍ (ଡିପିଏସ୍‌ଇ) ପାଠ୍ୟକ୍ରମ ଡିଜାଇନ୍ ଏବଂ ପରିଚାଳନା ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦେଇଛି। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସସିଇଆରଟି) ଦ୍ୱାରା ଡିଜାଇନ୍ କରାଯାଇଥିବା ଏହି ପାଠ୍ୟକ୍ରମ ଏସସିଇଆରଟିମାନଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ମାଧ୍ୟମରେ ପରିଚାଳିତ କିମ୍ବା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରାଳୟର ବରିଷ୍ଠ ଅଧିକାରୀମାନେ କହିଛନ୍ତି।

# ବିଜେପିକୁ ହରାଇବା ପାଇଁ ଅନ୍ୟ ଦଳଗୁଡ଼ିକ ସହ ମେଣ୍ଟ କରିବ କଂଗ୍ରେସ !

**ନୂଆଦିଲ୍ଲୀ:** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜେପିକୁ ହରାଇବା ପାଇଁ କଂଗ୍ରେସ ବିଭିନ୍ନ ଦଳ ସହ ମେଣ୍ଟ କରିବାର ସଙ୍କେତ ଦେଇଛି। ପୂର୍ବରୁ ନୀତୀଶ କୁମାର, କେସିଆର ଓ ମମତା ବାନାର୍ଜୀଙ୍କ ଭଳି ଅଣ ବିଜେପି ରାଜନେତାମାନେ ତୃତୀୟ ସାମ୍ମୁଖ୍ୟ ଗଠନ କରିବା ଦିଗରେ ମତ ରଖିଥିଲେ। ହେଲେ ଏଥିରେ କଂଗ୍ରେସ ସାମିଲ ହେବ କି ନାହିଁ, ସେକଥା ସ୍ପଷ୍ଟ ହୋଇ ନଥିଲା। ସେହିପରି ତୃତୀୟ ସାମ୍ମୁଖ୍ୟର ନେତୃତ୍ୱ କାହା ପାଖରେ ରହିବ, ତା’କୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଥିଲା। ଏସବୁ ଭିତରେ ପ୍ରଥମଥର ପାଇଁ କଂଗ୍ରେସ ମେଣ୍ଟ ସପକ୍ଷରେ ସଙ୍କେତ ଦେଇଛି। ଏଥିସହ କଂଗ୍ରେସ ନିଜେ ହିଁ ବିଜେପି ବିରୋଧୀ ମେଣ୍ଟର ନେତୃତ୍ୱ ନେବ ବୋଲି କହିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ୨୦୨୪ରେ କଂଗ୍ରେସ ନେତୃତ୍ୱାଧୀନ ଗୋଟିଏ ବ୍ଲକ ବିଜେପିକୁ କ୍ଷମତାଚ୍ୟୁତ କରିବ। ଏହି ବ୍ଲକରେ ଅଣ ବିଜେପି ଦଳଗୁଡ଼ିକ ରହିବେ। ତେବେ କଂଗ୍ରେସ ସହ କେଉଁ ସବୁ ଦଳ ସାମିଲ ହେବେ ସେ ସମ୍ପର୍କରେ ଖଡଗେ କିଛି ବି କହି ନାହାନ୍ତି। ନାଗାଲାଣ୍ଡର ଦିମାପୁରରେ ଆୟୋଜିତ ନିର୍ବାଚନ ରାଲିରେ କଂଗ୍ରେସ ସଭାପତି ଖଡଗେ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଲୋକମାନେ ଆପଣମାନଙ୍କୁ




(ବିଜେପି) ୨୦୨୪ରେ ଉଚିତ ଶିକ୍ଷା ଦେବେ। ଗୋଟିଏ ମେଣ୍ଟ ସରକାର କେନ୍ଦ୍ରରେ କ୍ଷମତା ଦଖଲ କରିବ ଓ କଂଗ୍ରେସ ଏହାର ନେତୃତ୍ୱ ନେବ। କଂଗ୍ରେସ ନିୟମିତ ଭାବେ ଅନ୍ୟ ଦଳଗୁଡ଼ିକ ସହ ଏ ସମ୍ପର୍କରେ ଆଲୋଚନା କରୁଛି। କାରଣ ଗଣତନ୍ତ୍ରର ସୁରକ୍ଷା ଓ ସମ୍ବିଧାନର ରକ୍ଷା ପାଇଁ ବିଜେପି ହାରିବା ନିହାତି ଜରୁରୀ। ଆମେ ସବୁ ଦଳଗୁଡ଼ିକୁ ଆଲୋଚନା ପାଇଁ ଡାକୁଛୁ ଓ ସେମାନଙ୍କ ସହ ୨୦୨୪ରେ କେମିତି ନିର୍ବାଚନ ଜିତି ହେବ, ସେ ବିଷୟରେ ଆମର ପକ୍ଷ ରଖୁଛୁ। ବିଜେପି ୨୦୨୪ରେ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ। ଅନ୍ୟ ସମସ୍ତ ଦଳ ମିଳିତ ଭାବେ ସଂଖ୍ୟାଗରିଷ୍ଠତା ହାସଲ କରିବେ। ଏଇଟା ହିଁ ସତ ଯେ ଏହି ମେଣ୍ଟ ସରକାରର ନେତୃତ୍ୱ କଂଗ୍ରେସ ନେବ। ୧୦୦ ଜଣ ମୋଦି (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି) ଓ ଅମିତ ଶାହ ଆସନ୍ତୁ ପଛେ, ହେଲେ କୌଣସି ଫରକ ପଡ଼ିବନି।

# ମନ୍ତ୍ରୀ ଓ ପରାମର୍ଶଦାତାମାନଙ୍କ ଖର୍ଚ୍ଚ ୧୫% ଯାଏ କଟିବ

**କରାଚି :** ଆର୍ଥିକ ସ୍ତରରେ କାଙ୍ଗାଳ ହୋଇ ସାରିଥିବା ପାକିସ୍ତାନ ଏବେ ପାଣ୍ଠି ସଂଗ୍ରହ ପ୍ରୟାସରେ ରହିଛି। ନିଜର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ପାକିସ୍ତାନ ସରକାର ମନ୍ତ୍ରୀ ଓ ପରାମର୍ଶଦାତାମାନଙ୍କୁ ମିଳୁଥିବା ଭତ୍ତା ଓ ଯାତ୍ରା ଖର୍ଚ୍ଚକୁ ୧୫% ଯାଏ କାଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କାଟଛାଣ୍ଟ ଦ୍ୱାରା ପାକିସ୍ତାନ ସରକାର ବର୍ଷକୁ ୨୦୦ ବିଲିୟନ ଟଙ୍କା ବା ୭୬୬ ମିଲିୟନ ଡଲାରର ଫାଇଦା ପାଇବେ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଛନ୍ତି। ପାକିସ୍ତାନ ଏବେ ଆର୍ଥିକ ସଙ୍କଟ ଦେଇଛ ଗତି କରୁଛି। ଆଇଏମଏଫ ଠାରୁ ଦେଶ ୧ ବିଲିୟନ ଡଲାରର ଆର୍ଥିକ ସହାୟତା ହାସଲ କରିବାକୁ ଲକ୍ଷ୍ୟ ରଖିଥିଲେ ମଧ୍ୟ ନୀତି ଜନିତ ଭେଦଭାବ ଯୋଗୁ ଏହା ସମ୍ଭବ ହୋଇପାରୁନି। ଏସବୁ ଭିତରେ ପାକିସ୍ତାନକୁ ଚାଇନା ସହାୟତାର ହାତ ବଢ଼ାଇଛି। ହେଲେ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିବାରୁ ପାକିସ୍ତାନ ସରକାରଙ୍କ ଚିନ୍ତା ବଢ଼ିଛି। ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଶରିଫ କହିଛନ୍ତି, ଦେଶର ସମସ୍ତ ମନ୍ତ୍ରଣାଳୟ ଓ ସରକାରୀ ବିଭାଗ ଗୁଡ଼ିକ ସେମାନଙ୍କ ଖର୍ଚ୍ଚକୁ ୧୫% ଯାଏ ହ୍ରାସ କରିବାକୁ କୁହାଯାଇଛି। ସେ ତାଙ୍କ ସମସ୍ତ ମନ୍ତ୍ରୀ ଓ ପରାମର୍ଶଦାତାମାନଙ୍କୁ ନିଜର ଦରମା, ଭତ୍ତା, ବିଳାସପୂର୍ଣ୍ଣ କାର, ବିଦେଶ



ଯାତ୍ରା ଓ ବିଜନେସ କ୍ଲାସରେ ଯାତ୍ରା ଭଳି ଅଭ୍ୟାସକୁ ଛାଡ଼ିବାକୁ କହିଛନ୍ତି। ମନ୍ତ୍ରୀ ଓ ଅଧିକାରୀମାନେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ଏସବୁ ସୁବିଧା ନେବାକୁ ରାଜି ହୋଇଛନ୍ତି। ଏହି ବଡ଼ ନିଷ୍ପତ୍ତି ଯୋଗୁ ସରକାରଙ୍କ ପାଣ୍ଠିରେ ବାର୍ଷିକ ୨୦୦ ବିଲିୟନ ଟଙ୍କା ସଂରକ୍ଷିତ ହୋଇ ରହିବ ବୋଲି ସେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ଆଇଏମଏଫ ଠାରୁ ଖୁବଶୀଘ୍ର ଆର୍ଥିକ ସହାୟତା ମିଳିବ ବୋଲି ସେ ଆଶା ରଖିଛନ୍ତି। ଆଇଏମଏଫ ସହାୟତା କରିବାକୁ ରାଜି ଥିଲେ ହେଁ ପ୍ରଥମେ ପାକିସ୍ତାନ ସରକାରଙ୍କ ଆଗରେ କେତେକ ସର୍ତ୍ତ ରଖିଛି। ଏହା ମଧ୍ୟରେ ସବସିଡି ପ୍ରତ୍ୟାହାର, ବିଜୁଳି ଟାରିଫ ବୃଦ୍ଧି, କରିବା ଓ ଅଧିକ ରାଜସ୍ୱ ସଂଗ୍ରହ ଇତ୍ୟାଦି ରହିଛି।

# ହିମାଳୟର ବରଫ କଳା ପଡୁଛି ଓ ଶୀଘ୍ର ତରଳୁଛି: ଆଇଆଇଟିଏମ୍

**ପୁନେ:** ପୁନେ-ସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟେରୋଲୋଜି (ଆଇଆଇଟିଏମ୍)ର ଏକ ଗବେଷଣା ତଥ୍ୟ ଅନୁସାରେ ହିମାଳୟର ବରଫ ଏବେ କଳା ପଡୁଛି ଏବଂ ଶୀଘ୍ର ତରଳୁଛି। ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ଗାଙ୍ଗେୟ ସମତଳ ଅଞ୍ଚଳ, ପାକିସ୍ତାନ ଓ ମଧ୍ୟପ୍ରାଚ୍ୟରେ ଜୈବ ଇନ୍ଧନ ଦହନ, ଜଙ୍ଗଲ ପୋଡ଼ି ଏବଂ କୃଷି ବର୍ଜ୍ୟ ବା ନଡ଼ା ପୋଡ଼ି ଯୋଗୁ ଯେଉଁ ଧୂଆଁ ଆକାଶକୁ ଉଠୁଛି, ତା’ର ଝୁଲ (ବ୍ଲାକ୍ କାର୍ବନ ବା ବିସି) ହିମାଳୟର ବରଫ ଉପରେ ପଡ଼ିବା ଯୋଗୁ ବରଫ କଳା ପଡୁଛି ବୋଲି ଆଇଆଇଟିଏମ୍‌ର ବୈଜ୍ଞାନିକମାନେ କହିଛନ୍ତି। ଏହି କାରଣରୁ ବାୟୁମଣ୍ଡଳର ପ୍ରଦୂଷଣ ଓ ତାପମାତ୍ରା ବୃଦ୍ଧି ପାଇବା ସହ ହିମାଳୟର ବରଫ ଶୀଘ୍ର ତରଳୁଛି ବୋଲି ସେମାନେ ମତ ଦେଇଛନ୍ତି। ଆଇଆଇଟିଏମ୍ ଦ୍ୱାରା ଜୁନ୍‌ରୁ ଅକ୍ଟୋବର ୨୦୧୯ ଭିତରେ କେନ୍ଦ୍ରୀୟ ହିମାଳୟର ସତୋପନ୍ଥ ଓ ଭଗୀରଥ-ଖଡ଼କ ହିମଶୈଳ ଉପରେ ବିସି (ବ୍ଲାକ୍ କାର୍ବନ)ର ପରିମାପ କରାଯାଇଥିଲା। ୨୦୨୧ ଅନ୍ତିମ ଭାଗରେ



ସେମାନଙ୍କର ଏହି ଗବେଷଣା ତଥ୍ୟ ଏନ୍‌ଭାର୍ଣ୍ଣମେଣ୍ଟାଲ ରସର୍ଚ୍ଚ ନାମକ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ ପାଇଛି। ଆଇଆଇଟିଏମ୍ର ଜନୈକ ବରିଷ୍ଠ ବୈଜ୍ଞାନିକ ଅଭିଲାଷ ପାନିକରଙ୍କ କହିବା ଅନୁସାରେ, ଜୁନ୍, ସେପ୍ଟମ୍ବେର ଓ ଅକ୍ଟୋବର ମାସରେ ଯେଉଁ ମାତ୍ରାଧିକ ବିସି ଜମା ହୋଇଛି ତାହା ଗାଡ଼ିଗୁଡ଼ିକର ଧୂଆଁ ଓ ବନାଗ୍ନି ଯୋଗୁ ହୋଇଛି। ଶୀତଦିନେ ଉତ୍ତରଭାରତରେ ଯେଉଁ ନଡ଼ାପୋଡ଼ି ହେଉଛି ତାହା ବି ବିସି ଜମା ହେବାର ଅନ୍ୟତମ ପ୍ରମୁଖ କାରଣ। ଏହି ବିସି ବା ଅଙ୍ଗାରର ଝୁଲଗୁଡ଼ିକ ଯୋଗୁ ହିମାଳୟର କେତେକ ଅଞ୍ଚଳରେ ବରଫ ଉପର କଳା ପଡ଼ିଯାଇଛି। ଯେହେତୁ କଳାରଙ୍ଗ ଅଧିକ ସୂର୍ଯ୍ୟତାପ ଅବଶୋଷଣ କରିଥାଏ, ତେଣୁ ଏହାଦ୍ୱାରା ଶୀଘ୍ର ବରଫ ତରଳୁଛି। ତା’ଛଡ଼ା ଅଙ୍ଗାରକାମ୍ଳ ପ୍ରଭୃତି ସବୁଜଗୃହ ବାଷ୍ପ ନିର୍ଗମନ ବୃଦ୍ଧି ପାଇବା ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଥିବାରୁ ତାହା ମଧ୍ୟ ଶୀଘ୍ର ବରଫ ତରଳିବାର ଅନ୍ୟତମ କାରଣ। ଏହି ପ୍ରକ୍ରିୟା ଜାରି ରହିଲେ ଭବିଷ୍ୟତରେ ସମୁଦ୍ରର ଜଳସ୍ତର ବୃଦ୍ଧି ପାଇ କେତେକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବାର ମଧ୍ୟ ଆଶଙ୍କା ରହିଛି ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

# ୧.୨ ଲକ୍ଷ ସ୍କୁଲରେ ମାତ୍ର ଜଣେ ଲେଖାଏ ଶିକ୍ଷକ

**ନୂଆଦିଲ୍ଲୀ:** ଦେଶର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିଛି। ପିଲାମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ସୁବିଧା ଯୋଗାଇ ଦିଆଯିବ। ବାହାର ଦେଶର ପିଲାଙ୍କ ଭଳି ଆମ ପିଲାମାନେ ମଧ୍ୟ ପାଠପଢ଼ିବାର ସମସ୍ତ ସୁବିଧା ସୁଯୋଗ ପାଇପାରିବେ ବୋଲି କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାରମାନେ କହିବାରେ ଲାଗିଛନ୍ତି। ନିକଟରେ କେନ୍ଦ୍ର ବଜେଟରେ ମୋଦି ସରକାର ଶିକ୍ଷା କ୍ଷେତ୍ରର ଉନ୍ନତି ପାଇଁ ୧.୩ ଲକ୍ଷ କୋଟିର ବ୍ୟୟବରାଦ କରିଥିଲେ। ୨୦୨୨-୨୩ ତୁଳନାରେ ଏହା ୮.୩% ଅଧିକ ଥିଲା। ହେଲେ ନିକଟରେ ସଂସଦରେ ମନ୍ତ୍ରୀ ଦେଇଥିବା ଉତ୍ତର ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇଛି। ଦେଶର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଆହୁରି ଅନେକ କିଛି କରିବାକୁ ପଡ଼ିବ ବୋଲି ସରକାର ଦେଇଥିବା ଉତ୍ତରରୁ ସ୍ପଷ୍ଟ ହୋଇଛି। ଦେଶରେ ବର୍ତ୍ତମାନ ଶିକ୍ଷକଙ୍କ ଅଭାବ ଦେଖାଦେଇଛି। ଅନେକ ଦକ୍ଷ ଲୋକ ଥିଲେ ମଧ୍ୟ ନିଯୁକ୍ତି ଅଭାବରୁ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷକ ମିଳି ପାରୁ ନାହାନ୍ତି। ସ୍ଥିତି ଏପରି ହୋଇଛି ଯେ ଦେଶର ପ୍ରାୟ ୧.୨ ଲକ୍ଷ ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ କେବଳ ଜଣେ ଲେଖାଏ ଶିକ୍ଷକ/ଶିକ୍ଷୟିତ୍ରୀ ରହିଛନ୍ତି। ସେହିପରି ସରକାର ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ବେଳେ ଅଧିକାଂଶ ସ୍କୁଲରେ ଏଯାଏ ଇଣ୍ଟରନେଟ ବ୍ୟବସ୍ଥା ହୋଇନାହିଁ। ବିହାରରେ ପ୍ରତି ୬୦ ଜଣ ପ୍ରାଥମିକ ସ୍କୁଲ ଶିକ୍ଷାର୍ଥୀଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ଦିଲ୍ଲୀରେ ଏହି ସଂଖ୍ୟା ୪୦ ଥିବା ବେଳେ ଝାଡଖଣ୍ଡରେ ୩୩, ହରିଆଣାରେ ୩୨ ଓ ଗୁଜରାଟରେ ୩୦ ରହିଛି। ସବୁଠାରୁ ଭଲ ସ୍ଥିତିରେ ଜମ୍ମୁ-କଶ୍ମୀର ରହିଛି। ଏଠାରେ ପ୍ରତି ୧୩ ଜଣ ପ୍ରାଥମିକ ସ୍କୁଲ ଶିକ୍ଷାର୍ଥୀଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଗୋଆ ଓ ହିମାଚଳ ଥିବା ବେଳେ ତୃତୀୟରେ ଉତ୍ତରାଖଣ୍ଡ ରହିଛି। ଓଡ଼ିଶା ଓ ତ୍ରିପୁରାରେ ପ୍ରତି ୧୯ ଜଣ ଶିକ୍ଷାର୍ଥୀଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ମେଘାଳୟ ଓ କର୍ଣ୍ଣାଟକାରେ ଏହି ସଂଖ୍ୟା ୨୦ ରହିଛି। ଉଚ୍ଚ ପ୍ରାଥମିକ ଶିକ୍ଷାନୁଷ୍ଠାନରେ ଶିକ୍ଷକ-ଶିକ୍ଷାର୍ଥୀ ଅନୁପାତ ତାଲିକାରେ ଦିଲ୍ଲୀ ଆଗରେ ରହିଛି। ଏଠାରେ ପ୍ରତି ୩୯ ଜଣ ଉଚ୍ଚ ପ୍ରାଥମିକ ସ୍କୁଲ ଶିକ୍ଷାର୍ଥୀଙ୍କ ପାଇଁ ମାତ୍ର ଜଣେ ଶିକ୍ଷକ ରହିଛନ୍ତି। ଝାଡଖଣ୍ଡରେ ଏହା



୩୮, ପଶ୍ଚିମବଙ୍ଗରେ ୩୫, ମଧ୍ୟପ୍ରଦେଶରେ ୩୪ ଓ ଉତ୍ତର ପ୍ରଦେଶରେ ୩୩ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ହରିଆଣା, ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ଅନୁପାତ କମ ରହିଥିଲେ ମଧ୍ୟ ଏଠାରେ ସ୍ୱାକ୍ଷରତା ହାର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ରହିଛି। ଅନ୍ୟପକ୍ଷରେ ଭାରତର ୧,୧୭,୨୮୫ଟି ସ୍କୁଲରେ ଜଣେ ଲେଖାଏ ଶିକ୍ଷକ/ଶିକ୍ଷୟିତ୍ରୀ ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ଏହି ତାଲିକାରେ ମଧ୍ୟପ୍ରଦେଶ ସବୁଠାରୁ ଆଗରେ ରହିଛି। ଏଠାରେ ଥିବା ୧୬,୬୩୦ଟି ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଆନ୍ଧ୍ର ପ୍ରଦେଶରେ ଏହା ୧୨,୩୮୬, ରାଜସ୍ଥାନରେ ୧୦,୮୭୮, ଉତ୍ତର ପ୍ରଦେଶରେ ୮,୦୪୦, କର୍ଣ୍ଣାଟକାରେ ୭,୮୪୮, ଝାରଖଣ୍ଡରେ ୭,୩୨୨, ତେଲେଙ୍ଗାନାରେ ୬,୩୯୨, ମହାରାଷ୍ଟ୍ରରେ ୫,୯୦୬, ଛତିଶଗଡ଼ରେ ୫,୪୮୦ ଓ ବିହାରରେ ଏହି ସଂଖ୍ୟା ୫,୨୨୭ ରହିଛି। ଚଣ୍ଡିଗଡ଼, ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ ସବୁ ସ୍କୁଲରେ ୧ରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। କେରଳରେ ସବୁଠାରୁ କମ ଅର୍ଥାତ ୩୧୦ଟି ସ୍କୁଲରେ ଜଣେ ମାତ୍ର ଶିକ୍ଷକ ରହିଛନ୍ତି। ଦେଶର ମୋଟ ସ୍କୁଲ ମଧ୍ୟରୁ ୮% ଶିକ୍ଷାନୁଷ୍ଠାନରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି। ଅନ୍ୟପକ୍ଷରେ ଚଣ୍ଡିଗଡ଼,ଦିଲ୍ଲୀ ଓ ପୁଡୁଚେରୀକୁ ଛାଡ଼ିଦେଲେ ବାକି କୌଣସି ରାଜ୍ୟର ଶତପ୍ରତିଶତ ସ୍କୁଲରେ ଇଣ୍ଟରନେଟ ବ୍ୟବସ୍ଥା ହୋଇନାହିଁ। କେନ୍ଦ୍ର ସରକାର ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା କହୁଥିଲେ ହେଁ ଦେଶର ପ୍ରତି ୪ଟି ସ୍କୁଲ ମଧ୍ୟରେ କେବଳ ଗୋଟିଏ ଶିକ୍ଷାନୁଷ୍ଠାନରେ ଇଣ୍ଟରନେଟ ବ୍ୟବସ୍ଥା ହୋଇପାରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ବଜେଟରେ ଜାତୀୟ ଡିଜିଟାଲ ଲାଇବ୍ରେରୀ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଥିବା ବେଳେ ଗତବର୍ଷ ଜାତୀୟ ଡିଜିଟାଲ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ମହାମାରୀ ଯୋଗୁ ପିଲାମାନେ ସହିଥିବା କ୍ଷତିକୁ ଦୃଷ୍ଟିରେ ରଖି ଡିଜିଟାଲ ଶିକ୍ଷା କଥା କୁହାଯାଇଥିଲା। କିନ୍ତୁ ଦେଶର ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧାରୁ ଅଧିକ ସ୍କୁଲରେ ଇଣ୍ଟରନେଟ ନାହିଁ। ଏପରି ସ୍ଥିତିରେ ଡିଜିଟାଲ ଶିକ୍ଷାର କେମିତି ପ୍ରସାର ହେବ ?



# ପାରାଦ୍ୱୀପ ବନ୍ଦରରେ ପ୍ରତିଷ୍ଠା ହେବ ହାଇଡ୍ରୋଜେନ ହବ୍

**ଭୁବନେଶ୍ୱର :** ଜାତୀୟ ହାଇଡ୍ରୋଜେନ ମିଶନ୍‌ରେ ରଖାଯାଇଥିବା ଲକ୍ଷ୍ୟ ଅନୁସାରେ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଓଡ଼ିଶାର ପାରାଦ୍ୱୀପ ବନ୍ଦରରେ ଏକ ହାଇଡ୍ରୋଜେନ ହବ୍ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ପାରାଦ୍ୱୀପ ବନ୍ଦରର ବିକାଶ କରାଯିବ। ପାରାଦ୍ୱୀପ ବ୍ୟତୀତ ଦୀନଦୟାଲ ଓ ଭି.ଓ ଚିଦାମ୍ବରମ୍ ବନ୍ଦରର ବିକାଶ ଘଟାଇ ସେଠାରେ ହାଇଡ୍ରୋଜେନ ହବ୍ ପ୍ରତିଷ୍ଠା କରାଯିବ। ଏସବୁ ହବ୍ ୨୦୩୦ ସୁଦ୍ଧା ହାଇଡ୍ରୋଜେନର ଭଣ୍ଡାରଣ, ଉତ୍ପାଦନ ଓ କାରବାର ପାଇଁ ସକ୍ଷମ ହେବେ ବୋଲି ମୁମ୍ବାଇଠାରେ ଅନୁଷ୍ଠିତ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ପରାମର୍ଶଦାତା କମିଟି ବୈଠକ ଅବସରରେ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦେଶର ବୃହତ ବନ୍ଦରଗୁଡିକରେ "ଗ୍ରୀନ ପୋର୍ଟ" ପ୍ରୟାସ ଆରମ୍ଭ କରିଛି । ଏହାର ପ୍ରଥମ ଲକ୍ଷ୍ୟ ହେଲା ବନ୍ଦରର କାର୍ଯ୍ୟ ଏବଂ ଜାହାଜ ଚଳାଚଳରେ ପ୍ରଦୂଷଣକୁ ନିୟନ୍ତ୍ରଣ କରି ସ୍ୱଚ୍ଛ ଇନ୍ଧନ ବ୍ୟବହାର ଉପରେ ଗୁରୁତ୍ୱ ଦେବା। ଏହା ଫଳରେ ସମ୍ପୃକ୍ତ ବନ୍ଦର ଗୁଡିକର ପରିବେଶ ଜନିତ ପ୍ରଦର୍ଶନ ଭଲ ରହିବ। ଏହି ପ୍ରୟାସରେ ପରିବେଶ ପ୍ରଦୂଷଣକୁ ପର୍ଯ୍ୟବେକ୍ଷଣ ଓ ତଦାରଖ କରିବା ପାଇଁ ଆବଶ୍ୟକ ଉପକରଣ ଓ ଯନ୍ତ୍ରପାତି ହାସଲ କରିବା, ଧୂଳିକୁ ନିୟନ୍ତ୍ରଣ କରିବାକୁ ଯାନ୍ତ୍ରିକ ବ୍ୟବସ୍ଥାର ଉପଯୋଗ, ଏସ୍‌ଟିପି ଗାର୍ବେଜ ଡିସପୋଜାଲ ସିଷ୍ଟମ ପ୍ରସ୍ତୁତ କରିବା, ଜାହାଜରୁ ବାହାରୁ ଥିବା ଆବର୍ଜନାର ନିରାପଦ ପରିଚାଳନା, ଅକ୍ଷୟ ଉତ୍ସରୁ ଶକ୍ତି ଉତ୍ପାଦନ ବ୍ୟବସ୍ଥା କରିବା, ତୈଳ ଆସ୍ତରଣକୁ ସଫା କରିବାର ବ୍ୟବସ୍ଥା କରିବା, ପୋତାଶ୍ରୟର ଜଳର ମାନ ବୃଦ୍ଧି, ଟର୍ମିନାଲ ଗୁଡିକର ଡିଜାଇନ ବଦଳାଇ ଏହାର



ବିକାଶ କରିବା ସହିତ ସେସବୁର କାର୍ଯ୍ୟଦକ୍ଷତା ବଢାଇବା ଓ ବନ୍ଦରାଞ୍ଚଳରେ ଅଧିକରୁ ଅଧିକ ସବୁଜିମା ସୃଷ୍ଟି କରିବା ଆଦି ଅନ୍ତର୍ଭୁକ୍ତ। ଜାହାଜ ଚଳାଚଳ କ୍ଷେତ୍ର ଓ ବନ୍ଦରରେ ପରିବେଶ ପ୍ରଦୂଷଣକାରୀ ଗ୍ୟାସ (ଗ୍ରୀନ ହାଉସ ଗ୍ୟାସ୍) ନିର୍ଗମନ ହ୍ରାସ କରିବାକୁ ଏସବୁ ପଦକ୍ଷେପ ଗ୍ରହଣ କରାଯାଉଛି। ସାମୁଦ୍ରିକ ନୌବାଣିଜ୍ୟ କ୍ଷେତ୍ରକୁ ପ୍ରଦୂଷଣକାରୀ ଗ୍ୟାସ ଓ ଇନ୍ଧନରୁ ମୁକ୍ତ କରି ଏହାକୁ ସବୁଜ କରିବା ସହିତ ସମ୍ପୃକ୍ତ କାରବାରକୁ ଲାଭଦାୟକ ତଥା ନିରନ୍ତର କରିବା ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ନିର୍ଦ୍ଧାରିତ ସମୟରେ ପୂରଣ କରିବାକୁ ଏସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ବୈଠକରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ଦକ୍ଷିଣ ମୁମ୍ବାଇର ଲୋକସଭା ସଦସ୍ୟ ଅରବିନ୍ଦ ସାୱନ୍ତ, ମୁମ୍ବାଇ-ଉତ୍ତର-ପୂର୍ବର ସାଂସଦ ମନୋଜ କୋଟାକ, କାକିନାଡାର ସାଂସଦ ଗୀତା ବିଶ୍ୱନାଥ ବଙ୍ଗା, ମନ୍ତ୍ରଣାଳୟର ସଚିବ ସୁଧାଂଶୁ ପନ୍ଥ, ମୁମ୍ବାଇ ପୋର୍ଟର ରାଜୀବ ଜଲୋଟା, ଜେଏନ୍‌ପିଏର ଅଧ୍ୟକ୍ଷ ସଂଜୟ ସେଠୀ, ସିଏସ୍‌ଏଲ୍‌ର ଅଧ୍ୟକ୍ଷ ମଧୁ ଏସ୍ ନାୟର, ଏସ୍‌ସିଆଇର ଅଧ୍ୟକ୍ଷ କ୍ୟାପଟେନ ଦିନେଶ କୁମାର ତ୍ୟାଗୀ, ଡିସିଆଇର ଏମ୍‌ଡି ଡ. ଜର୍ଜ ୟେଶୁ ବେଡା ଭିକ୍ଟର, ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରାଜେଶ କୁମାର ସିହ୍ନା, ବନ୍ଦର ବିଭାଗ ଯୁଗ୍ମ ସଚିବ ସୁଶୀଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଉପସ୍ଥାପନ କରିଥିଲେ।

## କାଳିଆ ଯୋଜନାରେ ୫୯ ଲକ୍ଷରୁ ଅଧିକ ହିତାଧିକାରୀ ସାମିଲ

**ଭୁବନେଶ୍ୱର :** କାଳିଆ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ବର୍ତ୍ତମାନ ସୁଦ୍ଧା ଏଥିରେ ୫୯,୭୮,୪୮୧ ଜଣ ଚାଷୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪୧,୦୮,୯୫୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବାବେଳେ ୧୮,୬୯,୫୨୯ଜଣ ଭୂମିହୀନ ଚାଷୀ ରହିଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂହ ସାଲୁଜାଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ କାଳିଆ ଯୋଜନାରେ ସମସ୍ତ ଯୋଗ୍ୟ କ୍ଷୁଦ୍ର ଓ ନାମାତ୍ର ହିତାଧିକାରୀଙ୍କୁ ୨୦୧୮-୧୯ ରବି ଓ ୨୦୧୯ବର୍ଷର ଖରିଫ ଋତୁରେ ପ୍ରତି କିସ୍ତି ପାଇଁ ୫୦୦୦ ଟଙ୍କା ଦିଆଯାଉଥିଲା। ୨୦୨୦-୨୧ ବର୍ଷଠାରୁ ପ୍ରତ୍ୟେକ କିସ୍ତିରେ ୨୦୦୦ ଟଙ୍କା ଲେଖାଏ ଦେଉଛନ୍ତି। ଏବେ ଦୁଇଟି କିସ୍ତିରେ ୪୦୦୦ ଟଙ୍କା ମିଳୁଛି।ସେହିଭଳି ପ୍ରତ୍ୟେକ ଭୂମିହୀନ କୃଷି ପରିବାରଙ୍କୁ ମୋଟ୍ ତିନିଟି କିସ୍ତିରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଉଛି।

# ବିଏସ୍‌କେୱାଇରେ ଆୟୁର୍ବେଦିକ ଚିକିତ୍ସାକୁ ଅଣଦେଖା

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ସବୁଠାରୁ ଚର୍ଚ୍ଚିତ ଯୋଜନା ହେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ବିଏସ୍‌କେୱାଇ। ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ଘରୋଇ ହସ୍ପିଟାଲ ସହିତ ଅନୁବନ୍ଧିତ ହୋଇଛନ୍ତି। ମାତ୍ର ବିଏସ୍‌କେୱାଇ ଯୋଜନାରେ ଆୟୁର୍ବେଦିକ ଚିକିତ୍ସାକୁ ଅବହେଳା ଅଭିଯୋଗ ହେଉଛି। ପଞ୍ଚକର୍ମ ଚିକିତ୍ସାରେ ହେଉଥିବା ଖର୍ଚ୍ଚ ରୋଗୀଙ୍କୁ ଦେବାକୁ ପଡୁଛି। ରାଜ୍ୟରେ ଆୟୁର୍ବେଦିକର ୩ଟି ମହାବିଦ୍ୟାଳୟ ଓ ୩ଟି ସରକାରୀ ହସ୍ପିଟାଲ ରହିଛି। ଏଠାରେ ବିଏସ୍‌କେୱାଇ ଯୋଜନାରେ ମାଗଣା ଔଷଧ ଓ ଅନ୍ୟାନ୍ୟ ଟେଷ୍ଟିଂ ସୁବିଧା ଦିଆଯାଉଛି। ଦିନକୁ ଦିନ ରାଜ୍ୟରେ ପଞ୍ଚକର୍ମ ଚିକିତ୍ସା ପ୍ରତି ଲୋକଙ୍କୁ ବିଶ୍ୱାସ ଓ ଆଗ୍ରହ ବଢ଼ିବାରେ ଲାଗିଛି। ବିଭିନ୍ନ ହସ୍ପିଟାଲକୁ ଦୈନିକ ୩୦-୪୦ଜଣ ରୋଗୀ କେବଳ ପଞ୍ଚକର୍ମ ପାଇଁ ଆସୁଛନ୍ତି। ମାତ୍ର ବିଏସ୍‌କେୱାଇରେ ଏଥିପାଇଁ ମାଗଣା ଚିକିତ୍ସା ସୁବିଧା ନାହିଁ, ୟୁଜର୍ସ ଫି' ଆଦାୟ ହେଉଛି। ପଞ୍ଚକର୍ମରେ ମୁଖ୍ୟତଃ ଶିରୋଧାରା, ଶିରୋବସ୍ତି, ଶାସ୍ତିକ ଶାଳୀ ପିଣ୍ଡ, ସନ୍ଧିବାତ ଭଳି ଅନେକ ଚିକିତ୍ସା ରହିଛି। ତହିଁରୁ ଅନେକ ଚିକିତ୍ସା ବ୍ୟୟବହୁଳ। ସ୍ନାୟୁଜନିତ ମାଂଶପେଶୀ ରୋଗ ପାଇଁ ଶାସ୍ତିକ ଶାଳୀ ପିଣ୍ଡ ଫଳପ୍ରଦ ହେଉଥିବା କୁହାଯାଉଛି। ଜଣେ ରୋଗୀ ଯଦି ୧୦ଦିନ ପାଇଁ ଏଥିରେ ଚିକିତ୍ସିତ ହୁଅନ୍ତି ତାହାଲେ ତାଙ୍କୁ ପ୍ରାୟ ୧୦ହଜାର ଟଙ୍କା ଦେବାକୁ ପଡୁଛି। ଅଧିକ ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ। ଶିରୋଧାରା, ଶିରୋବସ୍ତି ଭଳି ଚିକିତ୍ସା ପାଇଁ ଦୈନିକ ୫ଶହରୁ ୧ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଲୋକମାନେ ମାସ ମାସ ଧରି ଏଥିରେ ଚିକିତ୍ସିତ ହେଉଥିବାରୁ ସେମାନଙ୍କୁ ଏହା ବାବଦ ଖର୍ଚ୍ଚ ନିଜକୁ ଦେବାକୁ ପଡୁଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଆୟୁର୍ବେଦିକ ଚିକିତ୍ସାଳୟଗୁଡ଼ିକରେ ଡାଏଗ୍ନୋସିସ୍ ସୁବିଧା ମାଗଣାରେ ଦେଉଛନ୍ତି, ଅଥଚ ଅଧିକାଂଶ ହସ୍ପିଟାଲରେ ପାଥୋଲୋଜି କାମ କରୁନି। ସେହିଭଳି ଆୟୁର୍ବେଦିକ ଚିକିତ୍ସାଳୟରେ ମାଗଣାରେ ରୋଗୀଙ୍କୁ ଔଷଧ ଦିଆଯାଉଛି। ମାତ୍ର ଅଧିକାଂଶ ସମୟରେ ଔଷଧର ଗୁଣବତ୍ତାକୁ ନେଇ ରୋଗୀମାନେ ଅଭିଯୋଗ କରୁଛନ୍ତି। ବିଶେଷଜ୍ଞଙ୍କର ମତ ହେଉଛି, ରାଜ୍ୟ ସରକାର ବିଏସ୍‌କେୱାଇ ଯୋଜନାରେ ଦେୟମୁକ୍ତ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲମାନଙ୍କୁ ଗତବର୍ଷ ୧୪୫୬ କୋଟି ଟଙ୍କା ପୈଠ କରିଥିଲେ। ୨୦୨୧ ମସିହାରେ ଏହା ୨୨୪.୮୭ କୋଟି ଟଙ୍କା ରହିଥିଲା। ପ୍ରତିବର୍ଷ ଏ ବାବଦ ଖର୍ଚ୍ଚ ସହିତ ହସ୍ପିଟାଲ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଆୟୁର୍ବେଦିକ ପଞ୍ଚକର୍ମ ଚିକିତ୍ସାରେ ଏଲୋପ୍ୟାଥିକ ଅପେକ୍ଷା କମ୍ ଖର୍ଚ୍ଚ ହେଉଥିବା ବେଳେ ବିଏସ୍‌କେୱାଇରେ ସାମିଲ କରା ନ ଯିବା ଆଶ୍ଚର୍ଯ୍ୟଜନକ। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ବିଏସ୍କେୱାଇରେ ଆୟୁର୍ବେଦିକ ଔଷଧ, କନସଲଟେସନ୍, ଡାଏଗ୍ନୋସିସ୍ ଆଦି ମାଗଣା ରହିଛି। ତେବେ ପଞ୍ଚକର୍ମ ପାଇଁ ସାମାନ୍ୟ ଖର୍ଚ୍ଚ ଦେବାକୁ ପଡୁଛି। ପଞ୍ଚକର୍ମ ଚିକିତ୍ସା ଖର୍ଚ୍ଚ ବିଏସ୍କେୱାଇରେ ସାମିଲ ହେବାର ଯୋଜନା ସଂପର୍କରେ ଶ୍ରୀମତୀ ପଣ୍ଡିତ କୌଣସି ସୂଚନା ଦେଇ ନ ଥିଲେ।

**ସରକାରୀ ଡାକ୍ତରଖାନାର ହେବ ରୂପାନ୍ତରୀକରଣ**

# ୫ଟି ଅଧିନରେ 'ଆମ ହସ୍ପିଟାଲ'

**ଭୁବନେଶ୍ୱର :** ସରକାରୀ ଡ଼ାକ୍ତରଖାନାର ହେବ ରୁପାନ୍ତରୀକରଣ। ସରକାରଙ୍କ ୫ଟି ଅଧିନରେ 'ଆମ ହସ୍ପିଟାଲ' ଯୋଜନାରେ ରାଜ୍ୟର ୧୪୭ଟି ଯାକ ନିର୍ବାଚନମଣ୍ଡଳୀରେ ଚିହ୍ନଟ ହୋଇଥିବା ଡ଼ାକ୍ତରଖାନାର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱାସ୍ଥ୍ୟ ବିଭାଗ ବିଜ୍ଞପ୍ତି ଜାରି କରିଛି। ଜିଲ୍ଲାସ୍ତରୀୟ କମିଟି ସହାୟତାରେ ଜିଲ୍ଲାପାଳ ଏହି ଯୋଜନାକୁ କାର୍ଯ୍ୟକାରୀ କରିବେ। ଅଣ-ଆବାସିକ କାର୍ଯ୍ୟ ପାଇଁ ୪କୋଟି ଯାଏଁ ଏବଂ ଡ଼ାକ୍ତରଖାନାର ବିଭିନ୍ନ ଯନ୍ତ୍ରପାତି କିଣିବା ପାଇଁ ୨୫ଲକ୍ଷ ଟଙ୍କା ଯାଏଁ ଖର୍ଚ୍ଚ କରିପାରିବେ ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ଅଧିନରେ ଗଠିତ ଜିଲ୍ଲା ସ୍ତରୀୟ କମିଟିରେ ଏସପି, ଆମ ହସ୍ପିଟାଲ ଅଞ୍ଚଳର ପୌର ଅଧିକାରୀ, ଡ଼ିଆରଡ଼ିଏ ପିଡ଼ି, ପିଏଚ୍‌ଡି, ଆରଡ଼ବ୍ଲୁଏସ୍‌ଏସ୍, ପିଡ଼ବ୍ଲୁଡ଼ି, ଆରଡ଼ି ବିଭାଗର ନିର୍ବାହୀ ଯନ୍ତ୍ରୀ, ବିଡ଼ିଓ, ଏନ୍‌ଏଚଏମ୍ ଜିଲ୍ଲା ମ୍ୟାନେଜର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ସମ୍ପୃକ୍ତ ଡ଼ାକ୍ତରଖାନାର ମେଡ଼ିକାଲ ଅଫିସର ସଦସ୍ୟ ଅଛନ୍ତି । ୫ଟି ଅଧିନରେ ପ୍ରଥମ ପର୍ଯ୍ୟାୟରେ ୧୪୭ଟି ନିର୍ବାଚନମଣ୍ଡଳୀର ଗୋଟିଏ ଲେଖାଏଁ ଡ଼ାକ୍ତରଖାନାକୁ ସାମଗ୍ରୀକ ରୁପାନ୍ତର ପାଇଁ ଚୟନ କରାଯାଇଛି। ଡ଼ାକ୍ତରଖାନା ବିଲଡ଼ିଙ୍ଗର ମରାମତି ଓ ରଙ୍ଗ କାମ, ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱଚ୍ଛ ଟଏଲେଟ, ମୋ ସରକାର ବ୍ରାଣ୍ଡିଙ୍ଗ, କ୍ୟାମ୍ପସ ପରିସରରେ ପାର୍କିଂ, ବଗିଚା, ସବୁଠି ଗୋଟିଏ ପ୍ରକାରର ପ୍ରବେଶ ପଥ, ବର୍ଷା ଜଳ ଅମଳ ପ୍ରକଳ୍ପ, ଉତ୍ସର୍ଗୀକୃତ ବିଜୁଳି ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ପାଚେରୀ କାମ ଜିଲ୍ଲାପାଳଙ୍କ ସ୍ତରରେ କରାଯିବ। ସେହିପରି ଡ଼ାକ୍ତରଖାନାକୁ ଆସୁଥିବା ରୋଗୀ ଏବଂ ସହଯୋଗୀଙ୍କ ପାଇଁ ବିଶ୍ରାମଗାର, ଥଣ୍ଡା ଓ ଗରମ ପାନୀୟ ଜଳର ବ୍ୟବସ୍ଥା, ରୋଗୀ ଭିଡ଼ ହେଲେ ଅଧିକ ଆଉଟଡ଼ୋର କାଉଣ୍ଟର, ସଳଚନା ଫଳକ, ହେଲ୍ପ ଡ଼େସ୍କର ବ୍ୟବସ୍ଥା ରହିବ। ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାଉରକେଲା ସରକାରୀ ଚିକିତ୍ସାଳୟ ଏବଂ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ୫ଟି ରୁପାନ୍ତର ଯୋଜନାରେ ରହିବ। ରାଜ୍ୟର ୮ଟି ସହରାଞ୍ଚଳରେ ନୂଆ ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଯାଜପୁର ଜିଲ୍ଲାର ଯାଜପୁର, ବ୍ୟାସନଗର, ମୟୁରଭଞ୍ଜର ରାଇରଙ୍ଗପୁର, ମାଲକାନଗିରି, ବାଲେଶ୍ୱରର ସୋର, ସୁନ୍ଦରଗଡ଼ର ରାଜଗାଙ୍ଗପୁର, ଅନୁଗୁଳର ତାଳଚେର ଏବଂ କଟକର ଝୋଲା ସାହିରେ ୮ଟି ଅର୍ବାନ ପ୍ରାଇମେରୀ ହେଲଥ ସେଣ୍ଟର ରୋଗୀଙ୍କ ସେବା ପାଇଁ ନୂତନ ଭାବେ ପତିଷ୍ଠା କରାଯିବ।

# କୃଷି ବଜେଟ୍‌ରେ ପ୍ରତିବର୍ଷ ବଳକା ପଡୁଛି ଟଙ୍କା

**ଭୁବନେଶ୍ୱର :** କୃଷି ବଜେଟ୍‌ରେ ପ୍ରତିବର୍ଷ ବଳକା ପଡୁଛି ଟଙ୍କା। ୨୦୧୩ ମସିହାରେ ୨୦୩୧ କୋଟିରୁ ୯୬ କୋଟି ଏବଂ ୨୦୨୨ ମସିହାରେ ୬୭୮୯ କୋଟିରୁ ୨୫୮୭ କୋଟି ଟଙ୍କା ବଳକା ପଡ଼ିଥିବା ନେଇ ସୂଚନା ଦେଇଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବିଜେପି ବିଧାୟକ ମୁକେଶ ମହାଲିଙ୍ଗଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ କୁହାଯାଇଛି, ୨୦୧୩ରୁ ୨୦୨୨ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବରେ କୃଷି ବଜେଟ୍ରେ ବ୍ୟୟ ବରାଦ ହୋଇ ଟଙ୍କା ଖର୍ଚ୍ଚ ହେଉଛି। ୨୦୧୪ ମସିହାରେ ୩୧୬୯ କୋଟିରୁ ୫୧୩ କୋଟି, ୨୦୧୫ରେ ୩୬୨୨ କୋଟିରୁ ୪୮୨ କୋଟି, ୨୦୧୬ ମସିହାରେ ୩୭୧୫ କୋଟିରୁ ୫୫୬ କୋଟି, ୨୦୧୭ ମସିହାରେ ୪୧୩୮ କୋଟିରୁ ୧୦୦୩ କୋଟି, ୨୦୧୮ ମସିହାରେ ୭୦୭୬ କୋଟିରୁ ୨୮୪୧ କୋଟି, ୨୦୧୯ ମସିହାରେ ୧୦ ହଜାର ୧୧୯ କୋଟିରୁ ୩୧୭୩ କୋଟି, ୨୦୨୦ ମସିହାରେ ୭୦୧୭ କୋଟିରୁ ୨୯୦୧ କୋଟି, ୨୦୨୧ ମସିହାରେ ୬୦୯୪ କୋଟିରୁ



୧୫୫୪ କୋଟି ବଳକା ପଡ଼ିଛି। ବିଭିନ୍ନ କୃଷି ଭିତ୍ତିକ କାର୍ଯ୍ୟକ୍ରମ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିବା, କେନ୍ଦ୍ର ଠାରୁ କମ ଅନୁଦାନ ଏବଂ ବିଳମ୍ବରେ ଅନୁଦାନ ପାଇବା, ଜଳବାୟୁ ପରିବର୍ତ୍ତନ କାରଣରୁ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ରାଜ୍ୟରେ କୃଷିର ଉନ୍ନତି ଏବଂ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। କୃଷି ଓ କୃଷକ ପାଇଁ ନୂତନ ଜ୍ଞାନକୌଶଳ, ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିର ବ୍ୟବହାର କରାଯାଇ ନୂତନ ଯୋଜନା ପ୍ରସ୍ତୁତି କରାଯାଉଛି। ଏଥିପାଇଁ ଅତିରିକ୍ତ ବଜେଟ୍‌ରେ ଅର୍ଥ ବରାଦ ଏବଂ ପ୍ରତିବର୍ଷ କୃଷି ବଜେଟ ଆକାର ବୃଦ୍ଧିର ଆବଶ୍ୟକତା ରହିଛି।

**ଭୁବନେଶ୍ୱର ଆଇଏଲ୍‌ଏସ୍‌କୁ ସଫଳତା**

# ପ୍ରସ୍ତୁତ ହେଲା ମସ୍ତିଷ୍କ ମ୍ୟାଲେରିଆ ପାଇଁ ଔଷଧ

**ଭୁବନେଶ୍ୱର :** ଭୁବନେଶ୍ୱର ସ୍ଥିତ ଆଇଏଲ୍‌ଏସ୍‌କୁ ବଡ଼ ସଫଳତା। ଆଇଏଲ୍‌ଏସ୍ର ବୈଜ୍ଞାନିକ ଡକ୍ଟର ଅରୁଣ ନାଗରାଜ ଓ ତାଙ୍କ ଟିମ୍ ବ୍ରେନ୍ ମ୍ୟାଲେରିଆ ବା ମସ୍ତିଷ୍କ ମ୍ୟାଲେରିଆ ପାଇଁ ଔଷଧ ଉଦ୍ଭାବନ କରିଛନ୍ତି। ଏହା ଗୁରୁତର ମ୍ୟାଲେରିଆ ଓ ମସ୍ତିଷ୍କ ମ୍ୟାଲେରିଆରୁ ରୋଗୀଙ୍କ ଜୀବନ ରକ୍ଷା କରିବ ବୋଲି ନାଗରାଜଙ୍କ ଟିମ୍ ଦାବି କରିଛନ୍ତି। ଏହି ଔଷଧର ନାମ ରହିଛି ଗ୍ରିସେଫୁଲଭିନ। ଅନୁମତି ମିଳିଲେ ଆଗକୁ ଏହାକୁ ରୋଗୀ ଚିକିତ୍ସାରେ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। ଚିନ୍ତାର କାରଣ ଥିବା ଜାପାନୀ ଜ୍ୱରରୁ ରକ୍ଷା କରିବାରେ ଏହି ଔଷଧ ଉପାଦେୟ ସାବ୍ୟସ୍ତ ହୋଇ ପାରିବ ବୋଲି ଏହାର ଉଦ୍ଭାବକ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଆଇଏଲ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଦ୍ମଶ୍ରୀ ଅଜୟ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରେନ୍ ମ୍ୟାଲେରିଆ ଔଷଧ ଉପରେ ଗବେଷଣା ଆରମ୍ଭ ହୋଇଥିଲା। ଡକ୍ଟର ନାଗରାଜ କହିଛନ୍ତି, ସମଗ୍ର ବିଶ୍ୱରେ ଆଜି ବି ମ୍ୟାଲେରିଆ ଉଦ୍‌ବେଗଜନକ ସ୍ଥିତିରେ ଅଛି। ୨୦୧୫



ପରଠାରୁ ମ୍ୟାଲେରିଆର ଉପଦ୍ରବ ବଢ଼ିବାରେ ଲାଗିଛି। ତେବେ ସମସ୍ୟା ହେଉଛି ମ୍ୟାଲେରିଆ ନିରାକରଣ ପାଇଁ ବ୍ୟବହାର ହେଉଥିବା ଔଷଧ ରୋଗୀଙ୍କ ଠାରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଉଛି। ଫଳରେ ସେମାନଙ୍କ ଜୀବନ ରକ୍ଷା କରିବା ସମ୍ଭବ ହେଉ ନାହିଁ। ଫାଲସିପାରମ୍ ମ୍ୟାଲେରିଆ ୯୦% ରୋଗୀଙ୍କ ମୃତ୍ୟୁର କାରଣ ବୋଲି ସେ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ)ର ମାର୍ଗଦର୍ଶୀକା ଅନୁସାରେ ଆର୍ଟେମିସିନିନ୍ ବେସଡ୍ କମ୍ବିନେସନ୍ ଥେରାପି (ଏସିଟି) ଜରିଆରେ ରୋଗୀଙ୍କ ଚିକିତ୍ସା କରାଯାଉ ଥିଲେ ସୁଦ୍ଧା ତାହା ଫଳପ୍ରଦ ହୋଇପାରୁ ନାହିଁ। ଏହି ପଦ୍ଧତିରେ ଚିକିତ୍ସା ସତ୍ତ୍ୱେ ସେରେବ୍ରାଲ୍ ଏବଂ ଗୁରୁତର ମ୍ୟାଲେରିଆ ରୋଗୀଙ୍କ ଜୀବନ ରକ୍ଷା ସମ୍ଭବ ହେଉ ନାହିଁ। ଏସବୁ ଦିଗକୁ ଅନୁଧ୍ୟାନ କରି ଆମେ ସଠିକ୍ ଔଷଧ ଉଦ୍ଭାବନ ପାଇଁ ଗବେଷଣା ଚଳାଇଥିଲୁ। ନିକଟରେ ଆନିମାଲ ମଡେଲ୍ ଉପରେ ତାହାର ପ୍ରୟୋଗ କରାଯାଇ ଥିଲା ଏବଂ ଏହାର ବହୁତ ଭଲ ଫଳାଫଳ ହସ୍ତଗତ ହୋଇଛି। ଆଗାମୀ ଦିନରେ ଏହାର ମାନବ ପରୀକ୍ଷଣ କରାଯିବ। ଏହି ରିପୋର୍ଟ ଠିକ୍ ରହିବାର ଯଥେଷ୍ଟ ସମ୍ଭାବନା ଅଛି। ତେଣୁ ସରକାରଙ୍କର ଅନୁମତି ପରେ ବିଧିବଦ୍ଧ ବ୍ୟବହାର ହେବା ନେଇ ଆମେ ଆଶାବାଦୀ ଅଛୁ ବୋଲି ଡକ୍ଟର ନାଗରାଜ କହିଛନ୍ତି। ସୂଚନା ଅନୁସାରେ ଏହି ଔଷଧର ବଜାର ମୂଲ୍ୟ ଅପେକ୍ଷାକୃତ କମ୍ ରହିବ। ଉଭୟ ଶିଶୁ ଏବଂ ବୟସ୍କ ରୋଗୀଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନିରାପଦ ହୋଇପାରିବ। ପ୍ରଚଳିତ ଏସିଟି ସହିତ ନୂଆ ଔଷଧର ବ୍ୟବହାର କରାଯାଇ ପାରିବ। ଆଇଏଲ୍ସ ବୈଜ୍ଞାନିକଙ୍କର ଏହି ଉଦ୍ଭାବନ ସମ୍ପର୍କିତ ସନ୍ଦର୍ଭ ଖ୍ୟାତନାମା ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ପତ୍ରିକା ନେଚର୍‌ରେ ପ୍ରକାଶିତ ହୋଇଛି।

## ଝୋଟ ବସ୍ତାରେ ଚାଉଳ, ଗହମ ଏବଂ ଚିନିର ପ୍ୟାକେଜିଂ ବାଧ୍ୟତାମୂଳକ



**ଭୁବନେଶ୍ୱର :** ଝୋଟ ବସ୍ତାରେ ଚାଉଳ, ଗହମ ଏବଂ ଚିନିର ପ୍ୟାକେଜିଂ ବାଧ୍ୟତାମୂଳକ କରାଯାଇଛି। ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ କମିଟି ବୈଠକରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି। ଝୋଟ ବସ୍ତାରେ ଚିନିର ପ୍ୟାକେଜିଂ ପାଇଁ ୨୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏଥିଯୋଗୁଁ ସର୍ବାଧିକ ଝୋଟ ଉତ୍ପାଦନକାରୀ ପଶ୍ଚିମବଙ୍ଗ ସମେତ ଓଡ଼ିଶା, ବିହାର, ଆସାମ, ତ୍ରିପୁରା, ମେଘାଳୟ, ଆନ୍ଧ୍ରପ୍ରଦେଶର ଚାଷୀ, ଶ୍ରମିକ ଏବଂ ଝୋଟକଳ ମାଲିକମାନେ ଉପକୃତ ହେବେ। ଦେଶରେ ହାରାହାରି ୯ ଲକ୍ଷ ମେଟ୍ରିକ ଟନର ଝୋଟ ବସ୍ତା ଉତ୍ପାଦିତ ହୁଏ। ଏହି ଉଦ୍ୟୋଗ ଭାରତର ରାଷ୍ଟ୍ରୀୟ ଅର୍ଥବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ। ବିଶେଷକରି ପଶ୍ଚିମବଙ୍ଗରେ ୭୫ଟି ଝୋଟ କଳ ରହିଛି। ଝୋଟ ବସ୍ତାରେ ବାଧ୍ୟତାମୂଳକ ପ୍ୟାକେଜିଂ କାର୍ଯ୍ୟରତ ୩.୭୦ ଲକ୍ଷ ଶ୍ରମିକଙ୍କ ସହିତ ୪୦ ଲକ୍ଷ ଚାଷୀ ପରିବାରକୁ ସହାୟତା କରିବ। ଜେପିଏମ ଆଇନ, ୧୯୮୭ ଝୋଟ ଚାଷୀ, ଶ୍ରମିକ ଏବଂ ଝୋଟ ଉତ୍ପାଦନ ଲାଗିଥିବା ଲୋକମାନଙ୍କ ସ୍ୱାର୍ଥ ରକ୍ଷା କରିଥାଏ। ଝୋଟ ଉଦ୍ୟୋଗର ସମୁଦାୟ ଉତ୍ପାଦନର ୭୫ ପ୍ରତିଶତ ଝୋଟ ବସ୍ତା ହୁଏ। ଭାରତୀୟ ଖାଦ୍ୟ ନିଗମ ଏବଂ ରାଜ୍ୟ କ୍ରୟ ଏଜେନ୍ସିକୁ ୮୫ ପ୍ରତିଶତ ଯୋଗାଣ ହୋଇଥାଏ। ଅବଶିଷ୍ଟକୁ ସିଧାସଳଖ ରପ୍ତାନି କରାଯାଏ କିମ୍ବା ବିକ୍ରି କରାଯାଏ। ସରକାର ପ୍ରତ୍ୟେକ ବର୍ଷ ଖାଦ୍ୟଶସ୍ୟ ପ୍ୟାକେଜିଂ ନିମନ୍ତେ ପ୍ରାୟ ୯ ହଜାର କୋଟି ଟଙ୍କାର ଝୋଟ ବସ୍ତା କିଣିଥାଆନ୍ତି। ଏହା ଦ୍ୱାରା ଝୋଟ ଚାଷୀ, ଶ୍ରମିକ ଉତ୍ପାଦ ବିକ୍ରି ପାଇଁ ଗ୍ୟାରେଣ୍ଟିଯୁକ୍ତ ବଜାର ସୁବିଧା ସୁନିଶ୍ଚିତ ହୋଇଥାଏ। ଝୋଟ ଏକ ପ୍ରାକୃତି, ଜୈବ-କ୍ଷୟଯୋଗ୍ୟ, ନବୀକରଣ ଯୋଗ୍ୟ ଏବଂ ପୁନଃ ବ୍ୟବହାର ଯୋଗ୍ୟ ଫାଇବର ହୋଇଥିବାରୁ ଦୀର୍ଘସ୍ଥାୟିତ୍ୱର ମାନଦଣ୍ଡକୁ ମଧ୍ୟ ପୂରଣ କରିଥାଏ।

# ରାଜ୍ୟର ୮୪ ସହରରେ ମିଳୁଛି ବିଶୁଦ୍ଧ ପାନୀୟ ଜଳ

**ଭୁବନେଶ୍ୱର :** ଆସନ୍ତା ଜୁନ୍ ମାସ ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳରେ ଶତପ୍ରତିଶତ ପାଇପ ଜଳ ଯୋଗାଣ ହେବ। ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ପହଞ୍ଚିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୮୪ ଟି ସହରରେ ଶତ ପ୍ରତିଶତ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଶେଷ ହୋଇ ସାରିଥିବା ବେଳେ ଜୁନ ସୁଦ୍ଧା ବାକି ୩୧ଟି ସହରରେ ଶତପ୍ରତିଶତ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୋଜନା ରଖିଛି। ଏ ନେଇ ବିଭାଗ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଥିବା ବେଳେ '୫-ଟି'ଶାସନ ଆଧାରରେ ପ୍ରତ୍ୟେକ ଘରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଯିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ଘରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱପ୍ନ ଓ ସଂକଳ୍ପର ପ୍ରତିଫଳନ ସ୍ୱରୂପ ବର୍ତ୍ତମାନ ରାଜ୍ୟର ୮୪ଟି ସହରକୁ ଶତ ପ୍ରତିଶତ ପାଇପ ଜଳ ଯୋଗାଣ ହୋଇ ସାରିଛି। ଗୋଷ୍ଠୀ ସମୂହର ପ୍ରତିନିଧି ତଥା ଜିଲ୍ଲାପାଳଙ୍କ ପ୍ରତିନିଧିଙ୍କୁ ନେଇ ଗଠିତ ଏକ ବହୁବିଧ ସଦସ୍ୟ କମିଟି କ୍ଷେତ୍ରସ୍ତରୀୟ ଯାଞ୍ଚ କଲାପରେ ଏହି ତଥ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଅନ୍ୟପଟେ ବିଭାଗର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନଗର ଉନ୍ନୟନ ବିଭାଗକୁ ଶୁଭେଚ୍ଛା ଜଣାଯାଇଛି। ରାଜ୍ୟର ୮୪ଟି ସହରରେ ପାଇପ ଯୋଗେ ୧୦୦ ପ୍ରତିଶତ ବିଶୁଦ୍ଧ ପାନୀୟଜଳ ଯୋଗାଇବାରେ ନୂଆ କୀର୍ତ୍ତିମାନ ପ୍ରତିଷ୍ଠା ହୋଇଛି ବୋଲି ସିଏମଓ ପକ୍ଷରୁ ଟୁଇଟ ଯୋଗେ କୁହାଯାଇଛି। ରାଜ୍ୟ



ସରକାର ବର୍ତ୍ତମାନ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ପାଇପ ଯୋଗେ ଜଳ ଯୋଗାଣ ସହିତ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନା ମାଧ୍ୟମରେ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ପୁରୀ ଓ ଗୋପାଳପୁର ସହରରେ ଶତ ପ୍ରତିଶତ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାରେ ପାନୀୟ ଜଳ ଯୋଗାଣ ହେଉଛି। ଏହି ଦୁଇ ସହର ବ୍ୟତୀତ ରାଜ୍ୟର ୧୯ଟି ସହରରେ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ଜନସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନର ସୁବିଧା ପାଇଁ ସ୍ୱଚ୍ଛ ଜଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ କହିଛନ୍ତି। ଏଥିପାଇଁ ୫-ଟି ଉପକ୍ରମରେ ଏହି ସୁବିଧା ଦ୍ୱାରା ଜନସାଧାରଣଙ୍କ ଜୀବନ ଧାରଣ ମାନରେ ପ୍ରଭୂତ ଉନ୍ନତି ଆଣିବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶ୍ୱର ବଡ଼ ବଡ଼ ସହରର ବ୍ୟବସ୍ଥା ସହିତ ଏହି ସେବା ଉପଲବ୍ଧ କରିବାରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସୁନାମ ଅର୍ଜନ କରିଛି। ନିକଟରେ ଭୁବନେଶ୍ୱରବାସୀଙ୍କୁ ନିରବଚ୍ଛିନ ପାନୀୟ ଜଳ ଯୋଗାଣ କରାଯିବା ପାଇଁ ରାଜ୍ୟ ସରକାର କଟକର ମୁଣ୍ଡଳୀଠାରେ ଏକ ୧୩୦ ଏମଏଲଡି ଜଳ ବିଶୋଧନାଗାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଜଳ ବିଶୋଧାନଗାର ନିର୍ମାଣ ପାଇଁ ୨୮୬ କୋଟି ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଆସନ୍ତା ମାର୍ଚ୍ଚ ସୁଦ୍ଧା କାମ ଆରମ୍ଭ ହେବ ଓ ୨୦୨୫ ମାର୍ଚ୍ଚ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରହିଛି। ଓଡ଼ିଶା ଜଳ ଆୟୋଗ (ୱାଟକୋ) ଏହି ଜଳ ବିଶୋଧାନଗାରର ପରିଚାଳନା କରିବାକୁ ଥିବା ବେଳେ ଏହି ପ୍ରକଳ୍ପ ୨୦୩୮ ପର୍ଯ୍ୟନ୍ତ ଭୁବନେଶ୍ୱରର ସମସ୍ତ ପରିବାକୁ ୨୪/୭ ଘଣ୍ଟିଆ 'ଡ୍ରିଙ୍କ ଫ୍ରମ ଟ୍ୟାପ'ମାନର ଜଳ ଯୋଗାଣରେ ସାହାଯ୍ୟ କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ଫେବୃଆରୀ - ୫ ମାର୍ଚ୍ଚ, ୨୦୨୩

# ମନ୍ଦ କର୍ମର ଫଳ ମନ୍ଦ

ସମୟର ଅକୁହା କାହାଣୀ ବେଳେ ବେଳେ ମଣିଷକୁ ଶୁନ୍ୟରୁ ଶୀର୍ଷକୁ ତ ଆଉ କେତେବେଳେ ସଫଳତା ମଞ୍ଚରୁ ରସାତଳଗାମୀ କରିଦେଇଥାଏ। ଯେଉଁ ୟୁକ୍ରେନରେ ଦିନେ ଡାକ୍ତର ଗଢିବାର ଅସଂଖ୍ୟ ମେଡ଼ିକାଲ କଲେଜ, ପେଟ୍ରୋଲିଅମ ଉତ୍ପାଦ ଭରପୂର ଥିଲା ସେଠାରେ ଆଜି ଧ୍ୱଂସସ୍ତୂପ। ନିୟତିର ଚକ୍ରାନ୍ତ ଆଗରେ ନଇଁ ପଡ଼ିଛି ଦୁର୍ଗ। ପରମାଣୁ ବୋମାର ଗନ୍ତାଘର କହୁଥିବା ପାକିସ୍ତାନ ଆଜି କାଙ୍ଗାଳ। ତେଲେ ଏତେକଥା ବୁଝିପାରୁନି ଚୀନ! ନା ଧୋକାବାଜର ଆଖିରେ ନିଜକୁ ଅତିରଞ୍ଜିତ କରି ଚୀନ ବିଶ୍ୱରେ ଅଖଣ୍ଡ କୀର୍ତ୍ତିର ସଂଜ୍ଞା ଲେଖିଚାଲୁଛି। ନିକଟରେ ଚୀନ ଏଭଳି ଏକ ଉତ୍ପାଦ ବିକଶିତ କରିଛି ଯାହାକି ଜଣେ ସାଧାରଣ ଯୁବତୀଙ୍କ ଭଳି ଦିଶୁଛି, ବିଭିନ୍ନ ଭାଷାରେ ସ୍ୱଚ୍ଛ କଥାବାର୍ତ୍ତା କରିପାରୁଛି ଓ ଚୀନ ପାଇଁ ଗୋଇନ୍ଦାଗିରି କରିବାକୁ ସକ୍ଷମ ହୋଇପାରିବ। ବଡ଼ ଆଶ୍ଚର୍ଯ୍ୟ ଏବଂ ବିଚିତ୍ର ଲାଗୁଥିବା ଏହି କଥାରେ କିଛି ସତ୍ୟତା ରହିଛି। ପ୍ରଯୁକ୍ତି ବିଦ୍ୟାର ସଫଳ ପରୀକ୍ଷାଗାର ଚୀନ କିନ୍ତୁ ବିଶ୍ୱର ବିନାଶ କଥା ଯେତିକି ଚିନ୍ତା କରୁଛି ସେହି ତୁଳନାରେ ଶାନ୍ତି ପ୍ରତିଷ୍ଠା ଦିଗରେ ଅଗ୍ରସର ହେଉନି। ନକଲି ମାଲ ତିଆରି କରିବାରେ ଓସ୍ତାଦ ଚୀନ ଦୁନିଆ ଆଗରେ ଏକ ନକଲି ଦେଶ ସଦୃଶ୍ୟ। ଏହାର କଥା ଓ କାର୍ଯ୍ୟ ଆଦୌ ସମାନ ନୁହେଁ। ଯେମିତି କି ହାତୀର ଦାନ୍ତ ଯାହା ବାହାରକୁ ଦୃଶ୍ୟମାନ ସେଥିରେ ସେ ଖାଦ୍ୟ ଖାଇନଥାଏ। ଯେଉଁଥିରେ ଖାଏ ତାହା ଦୃଶ୍ୟମାନ ନୁହେଁ। ଭାରତ ସୀମାରେ ଚୀନ ଏଭଳି କିଛି ଆଚରଣ ଦେଖାଇ ଚାଲିଛି, ଯେଉଁଟା ଆଲୋଚନାରେ କହୁଛି ତାହା କାର୍ଯ୍ୟରେ କରୁନାହିଁ। ଅନ୍ୟପଟେ ପାକିସ୍ତାନ ନିଜର ମିଛ ଲୁଚାଇବାକୁ ଯାଇ ଗୋଟିଏ ପରେ ଗୋଟିଏ ଭୁଲ କରି ଆଜି ବିଖଣ୍ଡିତ ହେବାର ଦ୍ୱାରଦେଶରେ ପାକିସ୍ତାନ। ନିଜର କପଟ ଆଚରଣ, ଆତଙ୍କବାଦୀଙ୍କ ଜନ୍ମସ୍ଥାନ ଭାବେ ପରିଚିତ ପାକିସ୍ତାନ ଆଜି ସେହି ଆତଙ୍କବାଦୀଙ୍କ ଗୁଳିକୁ ସାମ୍ନା କରିବାକୁ ବାଧ ହୋଇପଡ଼ିଛି। ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ପାକିସ୍ତାନର ଲୋକେ ଏବେ ଖଣ୍ଡେ ରୁଟି ପାଇଁ ରାସ୍ତାରେ ଆନ୍ଦୋଳନ କରୁଛନ୍ତି। ପ୍ରତ୍ୟେକ ସାମଗ୍ରୀର ଆକାଶଛୁଆଁ ଦର ଏବେ ପାକବାସୀଙ୍କ ଆଖିରୁ ନିଦ ହଜେଇଦେଲାଣି। ଯେଉଁ ଟିଟିପିର ପୃଷ୍ଠପୋଷକ ଥିଲା ପାକିସ୍ତାନ ସେହି ତେହରିକ ତାଲିବାନ ପାର୍ଟି ଆଜି ପାକିସ୍ତାନକୁ ଅକ୍ତିଆର କରିବାକୁ ବସିଛି। ସେତିକିବେଳେ ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଛି ଓ ଏହାକୁ ସାକାର କରିବା ପାଇଁ ଲାଗିପଡିଛି ଭାରତ। ବିଶ୍ୱଗୁରୁ ଭାରତର ଅତୀତକୁ ବିଦେଶୀମାନେ ଯେତିକି ଧ୍ୱଂସ କରିଥିଲେ, ଏହାକୁ ପୁଣିଥରେ ଲାଗିପଡ଼ିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର। ମୋଦିଙ୍କ ଦୃଢ଼ ନେତୃତ୍ୱ ଆଜି ବିଶ୍ୱରେ ଭାରତର ନୂଆ ପରିଚୟ ସୃଷ୍ଟି କରିପାରିଛି। ଯେତେବି ବିକଶିତ ଦେଶ ହୁଅନ୍ତୁ ନା କାହିଁକି ସେମାନେ ମୋଦିଙ୍କ ସହଯୋଗ ଅପେକ୍ଷାରେ ରହୁଛନ୍ତି। ଆଜିର ଦିନରେ ଭାରତର ବୈଦେଶିକ ନୀତି, ଦ୍ରୁତ ବିକାଶ ଓ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ହିଁ ଆମକୁ ମଜବୁତ କରିଛି। ଆମର ଐତିହ୍ୟକୁ ମୋଦି ସରକାର ପୁନଃଜୀବିତ କରୁଛନ୍ତି। ଗୋଲାମିରୁ ମୁକ୍ତ ଭାରତରୁ ଗୋଲାମ ମାନସିକତା ହଟାଇ ବାସ୍ତବ ଭାରତର ରୂପରେଖ ପ୍ରସ୍ତୁତ କରି ଏହାକୁ କାର୍ଯ୍ୟଧାରାରେ ପରିଣତ କରିବାର ସ୍ୱପ୍ନ ଆଜି ସାକାର ହେଉଛି।

ସମ୍ପାଦକୀୟ
ତାରକ ମହାନ୍ତି



ଯେଉଁଥିପାଇଁ ପାକିସ୍ତାନର ଲୋକ କହିବାକୁ ଲାଗିଲେଣି ଯେ, ତାଙ୍କୁ ମୋଦିଙ୍କ ନେତୃତ୍ୱ ଦରକାର। କଥା କେବଳ ଏତିକିରେ ସୀମିତ ହୋଇ ରହିନାହିଁ। କେତେକ ପାକିସ୍ତାନୀ କହିବାକୁ ଲାଗିଲେଣି ଯେ, ପୁଣି ଭାରତ ସହ ପାକିସ୍ତାନର ମିଶ୍ରଣ ହେବା ଦରକାର। ହେଲେ ଏହା ପଛର କାରଣ କଣ ହୋଇପାରେ ? ଏଇଆ ଯେ,ଆତଙ୍କବାଦୀଙ୍କ ଜନକ ସାଜିଥିବା ପାକିସ୍ତାନର ପୂର୍ବ ପତିଆରା ଆଉ ନାହିଁ। ଭ୍ରଷ୍ଟ ନେତା, ଆତଙ୍କୀ କାର୍ଯ୍ୟକଳାପ ଆଜି ପାକିସ୍ତାନ ଡୁବିଯିବାର ମୂଳ କାରଣ ହୋଇଛି। ସମଗ୍ର ବିଶ୍ୱରେ ଚୀନ ବ୍ୟତୀତ ପାକିସ୍ତାନକୁ କେହି ଋଣ ଓ ଦାନ ଦେଉନାହାନ୍ତି। ବିଶ୍ୱର ଯେକୌଣସି ଦେଶକୁ ଗଲେ ପାକିସ୍ତାନ ପ୍ରତି ବିଶ୍ୱାସ ରହୁନାହିଁ।

ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିବା କାରଣରୁ ସବୁଠି ଗୋଟେ ଅବିଶ୍ୱାସର କାରଣ ପାଲଟିଯାଇଛି ପାକିସ୍ତାନ। ଚୀନ୍ ନିଜର ବିସ୍ତାରବାଦୀ କପଟ ବୁଦ୍ଧି ପ୍ରୟୋଗ କରିଆରେ ପିଓକେରେ ପ୍ରକଳ୍ପ ନିର୍ମାଣ ନାଁରେ କମି ହାତେଇବାର ଲକ୍ଷ୍ୟ ରଖିଛି। ଯେଉଁଥିପାଇଁ କୌଣସି ଦେଶ ପାକିସ୍ତାନକୁ ଭରସା କରୁନଥିଲା ବେଳେ ଚୀନ ପୁଣି ଋଣଯନ୍ତାରେ ପାକିସ୍ତାନକୁ ଡୁବାଇବାକୁ ଚାହୁଁଚି। ଏମିତିହେଲେ ଶ୍ରୀଲଙ୍କା ପରି ପାକିସ୍ତାନ ଡୁବିଯିବ ଓ ଚୀନ ଏହାର ଭରପୁର ଫାଇଦା ନେଇପାରିବ। ପାକିସ୍ତାନର ଅବସ୍ଥା କ୍ରମାଗତ ଭାବେ ଖରାପ ହେବାରେ ଲାଗିଛି। ଦେଶରେ ମୁଦ୍ରାସ୍ଫୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ସମୟରେ ୟୁଟ୍ୟୁବର ସାନା ଅମଜାଦଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଏକ ଭିଡିଓ ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ୟୁଟ୍ୟୁବର ସହିତ କଥା ହୋଇ ଜଣେ ନାଗରିକ କହୁଛନ୍ତି ଯେ, ଦେଶକୁ ସୁଧାରିବା ପାଇଁ ଆଲ୍ଲା ଆମକୁ ମୋଦି ଦିଅନ୍ତୁ। ଦେଶରେ ଦିନକୁ ଦିନ ବଢୁଥିବା ମୁଦ୍ରାସ୍ଫୀତି ଯୋଗୁଁ ସେହି ବ୍ୟକ୍ତି ଅତ୍ୟନ୍ତ ବିବ୍ରତ ଏବଂ ସେ କହୁଛନ୍ତି ଯେ, ଯଦି ନରେନ୍ଦ୍ର ମୋଦି ଶାସନ କରିଥାନ୍ତେ ତେବେ ଦରଦାମ ବୃଦ୍ଧି ହୋଇନଥାନ୍ତା। ୧୯୪୭ରେ ଆମ ଦେଶ ଭାରତଠାରୁ ବିଭାଜନ ହୋଇନଥିଲେ ଭଲ ହୋଇଥାନ୍ତା। ପୁରା ଦେଶ ଏକ ହୋଇ ରହିଥାନ୍ତା। ଆଜି ଟମାଟୋ ୨୦ ଟଙ୍କାରେ ମିଳିଥାନ୍ତା। ଆଉ ଚିକେନ୍ କେଜି ୧୫୦ ଟଙ୍କାରେ ପାଇଥାନ୍ତେ। ଆମର ଭାଗ୍ୟ ଖରାପ ଯେ ଆମ ପାଖରେ କିଛିନାହିଁ। ଏହାଠୁ ଭଲ ମୋଦି। ଆମକୁ ମୋଦି ମିଳିବା ଦରକାର। ଆମକୁ ନୱାଜ ସରିଫ୍ ନା ବେନୋଜିର ଭୁଟ୍ଟୋ ଦରକାର। ତାଙ୍କ ଠାରୁ ମୋଦି ଭଲ। ମୋଦି ଯଦି ଆମକୁ ମିଳି ଯାଆନ୍ତେ ତେବେ ଦେଶରେ ଭୁଲ ଜିନିଷ ସବୁ ଦୂର ହୋଇଯାଆନ୍ତା। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ସ୍ଥାନରେ ରହିଛି। ଭଲ ଜୀବନ ବିତାଇବା ପାଇଁ ମୋଦିଙ୍କ ଶାସନକୁ ମଧ୍ୟ ସ୍ୱୀକାର କରିବାକୁ ପଡିବ। ମୋଦି କୌଣସି ଖରାପ ଲୋକ ନୁହଁନ୍ତି। ବର୍ତ୍ତମାନ ଦେଖିଲେ ପାକିସ୍ତାନ ଉପରେ ତାଲିବାନ ଭାରି ପଡୁଛି। ଯେକୌଣସି ମୁହୂର୍ତ୍ତରେ ସେହେବାଜ ସରକାର ତାଲିବାନ ହାତକୁ ଯାଇପାରେ। ଯେଉଁ ତାଲିବାନକୁ ଦିନେ ପାକିସ୍ତାନ ପାଳିପୋଷି ବଡ଼ କରିଥିଲା, ସିଏ ଏବେ ପାକିସ୍ତାନକୁ ଧମକ ଦେଉଛି। ଏଥିରୁ ଗୋଟିଏ କଥା ବୁଝିବାକୁ ଚେଷ୍ଟା କରନ୍ତୁ, ଅନ୍ୟ ପାଇଁ ଗାତ ଖୋଳିଲେ ସେହି ଗାତ ଦିନେ ନିଜ ପାଇଁ କାଳ ହୁଏ। ପାକିସ୍ତାନ କ୍ଷେତ୍ରରେ ଏହା ସ୍ପଷ୍ଟ ପ୍ରମାଣିତ ହୋଇସାରିଛି। ସାରା ଦୁନିଆ ବିରୋଧରେ ଅପପ୍ରଚାର କରୁଥିବା ପାକିସ୍ତାନର ଢୋଲ ଫାଟିଗଲା, ତା ନିଜର ଯେତେ ଧୂର୍ତ୍ତାମି ଓ ମିଥ୍ୟା ଧରାପଡ଼ିଗଲା। ହନୁ ମଲାବେଳେ ସତ କହିଲା ଭଳି ସେହେବାଜ ସରକାର ଏବେ ବାଉଳା ହୋଇ ପ୍ରଳାପ କରୁଛି। ନିକଟରେ ସେହେବାଜ ସରକାର ଏକ ନିୟମ ପ୍ରଣୟନ କରିଛନ୍ତି ଯେ, ପାକିସ୍ତାନ ସରକାର ଖର୍ଚ୍ଚ କାଟ କରିବେ। ଆରମ୍ଭରୁ ଯଦି ପାକିସ୍ତାନ ସରକାର ପାଣି ଭଳି ପଇସା ନଉଡାଇ ଦେଶକୁ ମଜବୁତ କରିବାରେ ମନ ଦେଇଥାନ୍ତେ, ଆଜି ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇନଥାନ୍ତେ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଝାଡ଼ଖଣ୍ଡ ସରକାରଙ୍କ ଓଡ଼ିଆ ମାରଣ ନୀତି



ବାଦଲ ଭୂୟାଁ

ଝାଡ଼ଖଣ୍ଡର ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରୁ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ହଟାଇ ଜାତୀୟ ଶିକ୍ଷା ପରିଷଦ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛି, ତାହା ଅଭିସନ୍ଧିମୂଳକ ଓ ନିନ୍ଦନୀୟ। ଏହି ବିଜ୍ଞପ୍ତିରେ ସଂସ୍କୃତ, ବାଂଲା, ଉର୍ଦ୍ଦୁ, ହୋ, ନାଗପୁରୀ, ମୁଣ୍ଡାରୀ, ଖଡ଼ିଆ, ସାନ୍ତାଳୀ ଓ କୁଦମାଳି ଆଦି ଭାଷା ସ୍ଥାନ ପାଇଥିବାବେଳେ ଓଡ଼ିଆ ଭାଷାକୁ ରହସ୍ୟଜନକ ଭାବେ ବାଦ ଦିଆଯାଇଛି। ଓଡ଼ିଆ ସ୍ଥାନରେ ହିନ୍ଦୀକୁ ପ୍ରଚଳନ କରାଯିବାର ପ୍ରୟାସ ଏହା ମାଧ୍ୟମରେ ରୀତିମତ ହୋଇଥିବାବେଳେ ଓଡ଼ିଶାର ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ମାରଣ ଷଡ଼ଯନ୍ତ୍ରର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏବେ ପ୍ରାଥମିକସ୍ତରରେ ତାଲିମପ୍ରାପ୍ତ ଓଡ଼ିଆ ଶିକ୍ଷକଙ୍କ ଅଭାବରୁ ପୂର୍ବ ଓ ପଶ୍ଚିମ ସିଂହଭୂମ ଷଢ଼େଇକଳା, ଖରସୁଆଁ ଜିଲ୍ଲାରେ ଆଉ ଓଡ଼ିଆ ପିଲାଏ ନିଜ ମାତୃଭାଷାରେ ପାଠ ପଢ଼ିବାର ସୁଯୋଗ ପାଇବେ ନାହିଁ। ଏହି ତିନିଟି ସୀମାନ୍ତ ଜିଲ୍ଲାରେ ବହୁ ଓଡ଼ିଆ ବସବାସ କରନ୍ତି। ତିନି ଜିଲ୍ଲାରୁ ମୋଟ ଜନସଂଖ୍ୟାର ୩୩.୪୯ ପ୍ରତିଶତ ଓଡ଼ିଆ ବୋଲି ୨୦୧୧ ଜନଗଣନାରୁ ଜଣାପଡ଼େ। ସେଥିରୁ ସର୍ବାଧିକ ପ୍ରାୟ ୧୯ ଶତାଂଶ ପଶ୍ଚିମ ସିଂହଭୂମ ଜିଲ୍ଲାରେ ବସବାସ କରନ୍ତି। ଆହୁରି ମଧ୍ୟ ଷଢ଼େଇକଳା ଖରସୁଆଁ ଜିଲ୍ଲାର ପଶ୍ଚିମାଞ୍ଚଳରେ ଓଡ଼ିଆ ମୁଖ୍ୟ ଭାଷା। ପୂର୍ବ ସିଂହଭୂମରେ ପ୍ରାୟ ୧୦ ଭାଗ ଲୋକଙ୍କ ମାତୃଭାଷା ଓଡ଼ିଆ ହୋଇଥିବାବେଳେ ପଶ୍ଚିମ ସିଂହଭୂମରେ ଏହି ସଂଖ୍ୟା ଛ'ଶତାଂଶ ଉପରେ। ଏବେ ତାଲିମପ୍ରାପ୍ତ ଶିକ୍ଷକଙ୍କ ଅଭାବରୁ ଓଡ଼ିଆ ପିଲାମାନେ ନିଜ ମାତୃଭାଷାରେ ପଢ଼ିବାର ସୁଯୋଗ ପାଇବେ ନାହିଁ ଏବଂ ସେମାନେ ହିନ୍ଦୀ କିମ୍ବା ଅନ୍ୟ ଭାଷା ପଢ଼ିବାକୁ ବାଧ ହେବେ। ଶିକ୍ଷାନୀତି ଅନୁସାରେ ବିଚ୍ଛିନ୍ନାଞ୍ଚଳରେ ବିଶେଷକରି ଗୋଟିଏ ରାଜ୍ୟର ଭାଷାଗତ ସଂଖ୍ୟାଲଘୁଙ୍କୁ ମାତୃଭାଷାରେ ଶିକ୍ଷାଲାଭର ସୁଯୋଗ ଦେବାକୁ ସପ୍ତମ ବିଷୟର ବ୍ୟବସ୍ଥା ରହିଛି। ଏହି ପଦକ୍ଷେପ ମଧ୍ୟ ନୂଆ ଜାତୀୟ ଶିକ୍ଷାନୀତି ୨୦୨୦ର ବିରୋଧାଚରଣ କରୁଛି।

ଝାଡ଼ଖଣ୍ଡର ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ମାନଙ୍କରେ ଓଡ଼ିଆ ଭାଷା ଉଚ୍ଛେଦକୁ ଏଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ତୀବ୍ର ବିରୋଧ କରିଛନ୍ତି। ଝାରଖଣ୍ଡ ରାଜ୍ୟର ତିନୋଟି ଜିଲ୍ଲା ଷଢ଼େଇକଳା-ଖରସୁଆଁ, ପୂର୍ବ-ସିଂହଭୂମ ଓ ପଶ୍ଚିମ-ସିଂହଭୂମରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଓ ତା'ସହିତ ରାଜ୍ୟର ଅନ୍ୟ ଅଞ୍ଚଳ ବୋକାରୋ, ରାଞ୍ଚି, ଧାନବାଦ, ସିମଡ଼େଗା, ଗୁମଲା, ରାମଗଡ଼, ହଜାରିବାଗ ଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଝାରଖଣ୍ଡ ସରକାରଙ୍କ ଓଡ଼ିଆ ମାନଙ୍କ ପ୍ରତି ଥିବା ବୈମାତୃକ ଭାବକୁ ଘୋର ନିନ୍ଦା କରି ରାଜ୍ୟର ବିଭିନ୍ନ ଯାଗାରେ ପ୍ରତିବାଦ ସଭାମାନ କରି ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜାମସେଦପୁରରେ ଥିବା ଉତ୍କଳ ଆସୋସିଏସନ, ଗୋଲମୁରୀ ଉତ୍କଳ ସମାଜ, କଦମାର ଉତ୍କଳ ବାନ୍ଧବ ସମିତି, ମନୋହରପୁର, ଗୋୟଲକେରା, ସୋନୁଆ, ଟୁପିଆ, କୁଲା, ଷଢ଼େଇକଳା, ବାରୀଳ, ମଦାଙ୍ଗଜାହିର, ଶଶୀକଳା, ଭାଲୁରଙ୍ଗୀ, ନିଶ୍ଚିନ୍ତପୁର, କେରା, ଖରସୁଆଁ, ଚାଇଁବସା, ରାଜନଗର, ହେସଲ, ହାତୀ, ହଳଦୀପୋରୀ, ଯାଦୁଗୋଡ଼ା, ରାଖାମାଇନ, ମଉଭଣ୍ଡାର, ଘାଟିସିଲା, ମହଲାଗୋଡ଼ା, ଆଦିତ୍ୟପୁରର ସାଲଦି, ବାଡୁବାଦ, ଚକ୍ରଧରପୁର, ଜାମଦା, ଜୟନ୍ତଗଡ଼, ମଝିଗାଁ, ଖିରି, ବାନା, ଶମହାରିଆ ଆଦି ଅଞ୍ଚଳରେ ଓଡ଼ିଆ ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଓକିଲ ଓ ସମାଜସେବୀମାନେ ଯୋଗ ଦେଇ ସରକାରଙ୍କ ଓଡ଼ିଆ ମାରଣ ଆଭିମୁଖ୍ୟକୁ ଘୋର ବିରୋଧ କରିଛନ୍ତି। ଏହି ସଭା ମାନଙ୍କରେ ଯୋଗ ଦେଇଥିବା ବକ୍ତମାନେ ନିଜ ନିଜର ବକ୍ତବ୍ୟରେ କହିଲେ ଯେ ଷଢ଼େଇକଳା-ଖରସୁଆଁ ଜିଲ୍ଲାରେ ଓଡ଼ିଆ ମାନଙ୍କ ସଂଖ୍ୟା ପ୍ରାୟ ୬୦% ହେବ, ପଶ୍ଚିମ-ସିଂହଭୂମରେ ପ୍ରାୟ ୭୦% ହେବ, ପୂର୍ବ-ସିଂହଭୂମରେ ପ୍ରାୟ ୪୦% ହେବ କିନ୍ତୁ ଓଡ଼ିଆ ମାନଙ୍କ ସଂଖ୍ୟାକୁ ଜନସଂଖ୍ୟା ତାଲିକାରେ ଅଳ୍ପ ଦର୍ଶାଯାଇଛି। ଅନେକ ଦିନୁ ଜନସଂଖ୍ୟା ଗଣନା ମଧ୍ୟ ହୋଇନାହିଁ ବିଭିନ୍ନ କମ୍ପାନୀ ମାନଙ୍କରେ ଓଡ଼ିଆ ଭାଷୀମାନଙ୍କୁ ଅଗ୍ରାଧିକାର ଦେବାର ମଧ୍ୟ ଚୁକ୍ତି ହୋଇଥିବାର ବକ୍ତାଗଣ କହିଥିଲେ। ଷଢ଼େଇକଳା, ଖରସୁଆଁ, ଧଲଭମଗଡ଼, କେରା ଆଦି ଅଞ୍ଚଳର ରାଜା ମାନଙ୍କ ଅଧିନରେ ଥିବା ଜମିଜମା ଓ କୋର୍ଟ କଚେରୀର କାମ ଓ ମାମଲାର ଶୁଣାଣି ଓଡ଼ିଆ ଭାଷାରେ ହେଉଥିଲେ ଓ ଓଡ଼ିଆ ମାନଙ୍କର ଏ ଅଞ୍ଚଳରେ ସଂଖ୍ୟା ବହୁଳତାକୁ ଦର୍ଶାଏ। ଏଇ କିଛି ଦିନ ତଳେ ଜାମସେଦପୁରର ଉତ୍କଳ ଆସୋସିଏସନ ଠାରେ ଏକ ପ୍ରତିବାଦ ସଭା ଓ ଏହି ବିଷୟରେ ବିହିତ ପଦକ୍ଷେପ ନେବାର ସଭାରେ ସମସ୍ତ ବକ୍ତା ସରକାରଙ୍କ ପଦକ୍ଷେପ ନିନ୍ଦନୀୟ ବୋଲି କହିଥିଲେ। ଏ ସଭାରେ ଝାରଖଣ୍ଡର ପୂର୍ବ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ଦିନେଶ କୁମାର ଷଡ଼ଙ୍ଗୀ, ବରିଷ୍ଠ ଓକିଲ ମନୋରଞ୍ଜନ ଦାଶ, ଉତ୍କଳ ଆସୋସିଏସନର ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ବରିଷ୍ଠ ଉପସଭାପତି ସଞ୍ଜୀବ ପାତ୍ର, ଉପସଭାପତି ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାଶ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଷଢ଼େଇକଳା ନଗର ପଞ୍ଚାୟତ ସଭାନେତ୍ରୀ ମିନାକ୍ଷୀ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ କାର୍ତ୍ତିକ ପରିଚ୍ଛା, ପ୍ରଶାନ୍ତ ମହାନ୍ତି, ଅଜିତ ରାଉତ, ପୀତବାସ ପ୍ରଧାନ, ଖରସୁଆଁରୁ ନନ୍ଦୁ ପାଣ୍ଡେ, ଅଶୋକ ସାମନ୍ତ, ପବିତ୍ର ଜେନା, ସୌମେନ୍ଦ୍ର ଭୂୟାଁ, ମନୋରଞ୍ଜନ ଗୌଡ଼, ସସ୍ମିତା ପାତ୍ର, ପ୍ରଦୀପ କୁମାର ଜେନା, ଅଶୋକ କୁମାର ମହାପାତ୍ର, ପ୍ରତିଭା ମହାନ୍ତି, ପ୍ରଫେସର ସୁନୀଲ ଷଡ଼ଙ୍ଗୀ, ସରମିଷ୍ଠା ଷଡ଼ଙ୍ଗୀ, ଅଭିମନ୍ୟୁ ଚୌଧୁରୀ, ମନୋଜ ସାହୁ, ମନୋରଞ୍ଜନ ପଶାୟତ, ମନୋରଞ୍ଜନ ସ୍ୱାଇଁ, କନକଲତା ସ୍ୱାଇଁ ପ୍ରମୁଖ ବକ୍ତାଗଣ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏଠାରେ ପ୍ରକାଶ ଥାଉ କି ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏଠାରେ ସମସ୍ତ ବିଦ୍ୟାଳୟକୁ ଓଡ଼ିଶା ସରକାର ପାଠ୍ୟପୁସ୍ତକ ମାଗଣାରେ ଦେଉଛନ୍ତି। ୧୪୪ଟି ସ୍କୁଲରେ ୧୬୦ଜଣ ଶିକ୍ଷକ ଉତ୍କଳ ସମ୍ମିଳନୀଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି। ମାସିକ ମାନ ଦେୟ ୩ ହଜାର ଟଙ୍କାରେ ଶିକ୍ଷକ ମାନଙ୍କୁ ଦରମା ଦିଆଯାଏ। ସେ ଟଙ୍କା ୨୨ ମାସ ହେଲା ମିଳିନାହିଁ ବୋଲି ଶିକ୍ଷକ ଶିକ୍ଷୟିତ୍ରୀମାନେ କୋହଭରା କଣ୍ଠରେ ଏ ଲେଖକୁ କହିଛନ୍ତି। ଆଗରୁ ଛାତ୍ରବୃତ୍ତି ମିଳୁଥିଲା ତାହା ଏବେ ବନ୍ଦ। ଓଡ଼ିଶା ସରକାର ଏହା ଉପରେ ବିଚାର କଲେ ଏଠାକାର ଓଡ଼ିଆ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୁଅନ୍ତା ବୋଲି ବକ୍ତାଗଣ କହିଲେ। ଚାଇଁବସାର ଜଗତ କିଶୋର ସାମଲ, ପ୍ରଦୀପ ଦାସ, ରୋହିତ କୁମାର ସାହୁ, ବିଷ୍ଣୁପଦ ସିଂହଦେଓ, ମାଧବ ଶତପଥୀ, ଅଶୋକ ଷଡ଼ଙ୍ଗୀ, ସୁମନ୍ତ ମହାନ୍ତି, ସୁଶୀଲ ଷଡ଼ଙ୍ଗୀ, ସତ୍ୟପ୍ରକାଶ କର, ଦୀପକ ସିଂହଦେବ, ସରୋଜ ପ୍ରଧାନ, ପ୍ରଫେସର ନାଗେଶ୍ୱର ପ୍ରଧାନ, ରାଜୀବ ସିଂହଦେବ, କାମାକ୍ଷା ସିଂହଦେବ, ପୂର୍ଣ୍ଣେନ୍ଦୁ ନନ୍ଦ ଓ ବିଦ୍ୟାନାଥ ପ୍ରମୁଖ ସିଂହଭୂମର ବିଭିନ୍ନ ଅଞ୍ଚଳରେ ସରକାରଙ୍କ ଓଡ଼ିଆ ମାରଣ ନୀତିକୁ ବିରୋଧ କରି ପ୍ରତିବାଦ ସଭାମାନ କରୁଛନ୍ତି।

ଏକଦା ଓଡ଼ିଆ ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା ଥିଲା। ରାଜନୈତିକ ଚକ୍ରାନ୍ତ କରି ତାହାକୁ ହଟାଇ ଦିଆଯାଇ ବାଂଲାକୁ ସେଠାରେ ଏବେ ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଛି। ବଙ୍ଗାଳୀ ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ବାଂଲାକୁ ସରକାରୀ ଭାଷାର ମାନ୍ୟତା ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜନସଂଖ୍ୟା ଆଧାରରେ ଓଡ଼ିଆକୁ ଏହି ମର୍ଯ୍ୟାଦାରୁ ବଞ୍ଚିତ କରିବାର ଯଥାର୍ଥତା ବୁଝି ହେଉନାହିଁ। ଝାଡ଼ଖଣ୍ଡର ୨୪ ଜିଲ୍ଲା ମଧ୍ୟରୁ ୧୦ଟିରେ ଓଡ଼ିଆ ଭାଷାଭାଷୀ ଲୋକ ବହୁ ସଂଖ୍ୟାରେ ବସବାସ କରନ୍ତି ଏବଂ ଚକ୍ରଧରପୁର, ଆଦିତ୍ୟପୁର, ଜାମସେଦପୁର, ଚାଇବସା, ଜଗନ୍ନାଥପୁର, ଧଳଭୂମ, ପୁରୁଣାବସ୍ତି, ବାହାଡ଼ାଗୋଡ଼ା ଆଦି ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ବହୁ ଅଧିକ। ଭାଷାଭିତ୍ତିକ ସଂଖ୍ୟାଲଘୁଙ୍କର ନିଜ ମାତୃଭାଷାରେ ପାଠ ପଢ଼ିବା ଏକ ସାମ୍ବିଧାନିକ ଅଧିକାର। ଏହା ଜାଣି ସୁଦ୍ଧା ଏନସିଟିଇ କିପରି ଏଭଳି ଅବିବେକୀ କାର୍ଯ୍ୟକଲା ତାହାର ଉତ୍ତର ଲୋଡ଼ା। ଏହି ଘଟଣାରେ ଝାଡ଼ଖଣ୍ଡର ଓଡ଼ିଆ ସଂଗଠନ ଓ ଭାଷା ସୁରକ୍ଷା ସଂସ୍ଥାମାନ ପ୍ରତିବାଦ କରିବା ସ୍ୱାଭାବିକ। ଓଡ଼ିଆ ଭାଷା ବିଚାରମଞ୍ଚର ଏ ସଂକ୍ରାନ୍ତ ଉଦ୍ୟମ ନିଶ୍ଚିତ ସ୍ୱାଗତଯୋଗ୍ୟ। ଗୋଟେ ସମୟ ଥିଲା, ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ଉତ୍କଳମଣି ଗୋପବନ୍ଧୁ ଦାସ ଓ ତାଙ୍କର ସହକର୍ମୀମାନେ ନାହିଁ ନଥିବା ଉଦ୍ୟମ କରିଥିଲେ। ସେଠାରେ ଓଡ଼ିଆ ସ୍କୁଲ ପ୍ରତିଷ୍ଠା କରିବା ସହିତ ଓଡ଼ିଆଙ୍କ ଅଧିକାର ପାଇଁ ଲଢ଼ିଥିଲେ। ଓଡ଼ିଶା ସରକାର ମଧ୍ୟ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ନାନାବିଧ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଓଡ଼ିଆ ବହି ଯୋଗାଣ ସହ ଓଡ଼ିଆ ଶିକ୍ଷକ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଉଛି। ଏହାସତ୍ତ୍ୱେ ସେଠାରେ ଓଡ଼ିଶା ଶିକ୍ଷକଙ୍କୁ ତାଲିମରୁ ବଞ୍ଚିତ କରିବା ପ୍ରୟାସ ଅଭିସନ୍ଧିମୂଳକ ଏବଂ ଅତ୍ୟନ୍ତ ନିନ୍ଦନୀୟ। ଏହି ପ୍ରସଙ୍ଗରେ ସେଠାକାର ଓଡ଼ିଆ ସଂଗଠନମାନ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବା ଯୁକ୍ତିଯୁକ୍ତ ମନେହୁଏ। ଓଡ଼ିଶା ସରକାର ମଧ୍ୟ ଏନସିଟିଇ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ୍ କରିବା ଆବଶ୍ୟକ। ଏନସିଟିଇ ଏକ ସାମ୍ବିଧାନିକ ସଂସ୍ଥା ଏବଂ ଭାରତ ସରକାର ଏହାକୁ ୧୯୯୩ର ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଆଇନ ଅନୁସାରେ ଗଠନ କରିଛନ୍ତି। ଏହାର କାମ ହେଲା ପ୍ରାଥମିକ ଶିକ୍ଷକଙ୍କ ତାଲିମ ଓ ପ୍ରଶିକ୍ଷଣ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା। ଭାରତ ସରକାରଙ୍କ ସ୍କୁଲ ଶିକ୍ଷା କ୍ଷେତ୍ରରେ ଏହା କାମ କରୁଛି। ଏହାର ବିଭିନ୍ନ କାର୍ଯ୍ୟ ମଧ୍ୟରୁ ସମସ୍ତଙ୍କୁ ଶିକ୍ଷା ଅଧିକାର ଯୋଗାଇବାର ସୁଯୋଗ ଦେବା ଅନ୍ୟତମ। ପରିତାପର ବିଷୟ ଏହି ସଂସ୍ଥା ଝାଡ଼ଖଣ୍ଡରେ ଏବେ ଓଡ଼ିଆ ଭାଷା ମାରଣ ଯଜ୍ଞରେ ମୁଖ୍ୟ ପୁରୋହିତ ସାଜିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଅବିଚାର ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଉଚିତ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',*
*୪ଜି ପ୍ରତାପ ଆପାର୍ଟମେଣ୍ଟ, ୭*
*ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

# ଜାତୀୟତାର ଜୀବନ୍ତ ପ୍ରତୀକ : ଉତ୍କଳମଣି



ବିଚିତ୍ରାନନ୍ଦ ପ୍ରଧାନ

ଆଜିର ବସ୍ତୁସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ସମୟରେ ମନେପଡ଼ିଯାଉଛନ୍ତି ଓଡ଼ିଆ ଜାତିର ମଉଡମଣି ଉତ୍କଳମଣି ଗୋପବନ୍ଧୁ। ପ୍ରତିଟି ଓଡ଼ିଆଙ୍କ ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ତାଙ୍କର ନିଃସ୍ୱାର୍ଥପର ଓଡ଼ିଆର ପ୍ରିୟ ଭାବନା ସହ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ସମୟରେ ସେ ଛିଡ଼ା ହୋଇ ବଢ଼ାଉଥିଲେ ସାହାଯ୍ୟର ହାତ। ଆଜି ପ୍ରତିଟି ଓଡ଼ିଆ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ଅତି ସମ୍ମାନର ସହିତ ମନେପକାଉଛନ୍ତି। ସେ ନିଜକୁ ବିଜ୍ଞପିତ କରିବା ପାଇଁ ଚାହୁଁନଥିଲେ। ତାଙ୍କର ପଦପଦବୀ, ସ୍ୱାର୍ଥ, ସମ୍ମାନ, ଗରିମା ବା ବ୍ୟକ୍ତି ଲାଳସା କିଛି ହିଁ ନଥିଲା। ତାଙ୍କର କେବଳ ଥିଲା ଏହି ଜାତି ପ୍ରତି ଦୃଢ଼ ଭଲପାଇବା। ସେ ସମୟରେ ଯେତେବେଳେ ଚାରିଆଡ଼େ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ହା ହାକାର ସବୁଠି ଦୁଃଖ ଭରିଦେଇଥିଲା କିନ୍ତୁ ସେ ସମୟରେ ଉତ୍କଳମଣି ନିଜ ଏକମାତ୍ର ପିଲାର ଜୀବନକୁ ପଛରେ ପକାଇ ଧାଇଁ ଯାଇଥିଲେ ସେବାକାର୍ଯ୍ୟ ପାଇଁ। ତାଙ୍କ ବଳୀଦାନ ପ୍ରାତଃ ସ୍ମରଣୀୟ ଓ ଚିରସ୍ମରଣୀୟ ନିଶ୍ଚୟ। ଆଜିର ସମୟକୁ ଦେଖିଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦାନ୍ୟ କାର୍ଯ୍ୟ ପାଇଁ ନିଜକୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ଦିଗରେ ନେଉଛନ୍ତି। ଯଦିଓ ସମସ୍ତେ ସେହି ଚରିତ୍ରର ନୁହଁନ୍ତି କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଏହା ଠାରୁ ଥିଲେ ବହୁ ଦୂରରେ। ଓଡ଼ିଶା ଇତିହାସରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ହେଉଛି ଏକ ଚିରସ୍ମରଣୀୟ ଦିବସ। ସେହିଦିନ ଉତ୍କଳର ଅନ୍ୟତମ ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁଙ୍କ ପରି ଯୋଗଜନ୍ମା ସନ୍ତାନ ପାଇ ଉତ୍କଳମାତା ଧନ୍ୟ ହୋଇଥିଲା। ତ୍ୟାଗ ଓ ମାନବିକତାର ଏକ ମଣି ସଦୃଶ୍ୟ ଥିଲେ ଉତ୍କଳମଣି ଗୋପବନ୍ଧୁ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ପିତା ଗୋପବନ୍ଧୁଙ୍କୁ ଅଧ୍ୟୟନ ପାଇଁ ରାମଚନ୍ଦ୍ର ଦାସଙ୍କ ଦାୟିତ୍ୱରେ ଛାଡିଥିଲେ। ରାମଚନ୍ଦ୍ର ଦାସ ନିଃସ୍ୱ ଓ ନିରାଶ୍ରୟଙ୍କ ସେବା, ଦେଶଭକ୍ତି ଭଳି ମହତ କାର୍ଯ୍ୟ କରିବାକୁ ଛାତ୍ର ମାନଙ୍କୁ ପ୍ରେରଣା ଦେଉଥିଲେ। ଛାତ୍ରଜୀବନରୁ ଗୋପବନ୍ଧୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମନରେ ଦେଶାତ୍ମବୋଧ ବିଶେଷ ଭାବରେ ବଢ଼ିଯାଇଥିଲା ଓ ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ପାଇଁ ସେବା କରିବାକୁ ସେ କେବେହେଲେ ପଛେଇ ନଥିଲେ। ଛାତ୍ର ଜୀବନରେ ସେ ପୁରୀରେ ସାଙ୍ଗ ଛାତ୍ରମାନଙ୍କୁ ନେଇ 'ପୁରୀ ସେବା ସମିତି" ଗଠନ କରି ଜନ ସେବା କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। ପୁରୀ ସହରରେ ହଇଜା ବ୍ୟାପିଥାଏ। କେତେକ ତୀର୍ଥ ଯାତ୍ରୀ ହଇଜାରେ ମୃତୁବରଣ କରିଥାନ୍ତି। କୁଡ଼ କୁଡ଼ ଶବ ଏଣେତେଣେ ପଡିଥାଏ, ଦୁର୍ଗନ୍ଧରେ ସହର ବଜାର ଫାଟି ପଡୁଥାଏ। ଗୋପବନ୍ଧୁ ସେବା ସମିତି ମାଧ୍ୟମରେ ପଡିଥିବା ଶବ ଗୁଡିକ ସହର ବାହାରକୁ ନେଇ ପୋଡି ଦେଇଥିଲେ ଓ ସହରକୁ ସଂକ୍ରମଣ ମୁକ୍ତ କରିଥିଲେ। ଛାତ୍ର ବୟସରେ ଗୋପବନ୍ଧୁଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଜନସେବା କରିବାର ପ୍ରୟାସ ସହରର ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ସେତିକି ନୁହେଁ, କଟକରେ ମଧ୍ୟ ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ 'କର୍ତ୍ତବ୍ୟବୋଧିନୀ' ନାମକ ସମିତି ଗଠନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଥିବା ବିରୋଧରେ ଏହି ସମିତି ମାଧ୍ୟମରେ ସଂଗ୍ରାମ କରି ଗୋପବନ୍ଧୁ ଜୟଯୁକ୍ତ ହୋଇଥିଲେ। ଛାତ୍ର ଜୀବନରୁ ଗୋପବନ୍ଧୁଙ୍କ ହୃଦୟରେ ଜନସେବା ଓ ଜାତୀୟତା ଭାବ ଜାଗ୍ରତ ହୋଇଥିଲା, ସେହିଦିନଠାରୁ ସେ ଆଉ ପଛକୁ ଚାହିଁ ନାହାଁନ୍ତି। ଚାଲିଛନ୍ତି ଦେଶ ଓ ଜାତିର ସେବା କରିବା ପାଇଁ ଓ ଅସହାୟଙ୍କ ପାଇଁ ସହାୟତାର ହାତ ବଢ଼ାଇବାର ପ୍ରୟାସ ନେଇ। ୧୯୦୯ ମସିହାରେ ଛୁରିଅନା କୁଞ୍ଜତଳେ ବନବିଦ୍ୟାଳୟ ସ୍ଥାପନ କରି ଗୋପବନ୍ଧୁ ଉତ୍କଳୀୟ ସଂସ୍କୃତିକୁ ଚେତନାଶୀଳ କରାଇଥିଲେ। ନୀଳକଣ୍ଠ, ହରିହର ଗୋଦାବରୀଶ, କୃପାସିନ୍ଧୁ, ଲିଙ୍ଗରାଜ ଓ ଅନନ୍ତ ମିଶ୍ର ଆଦି ଏହି ଅନୁଷ୍ଠାନ ପାଇଁ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୁରୁକୂଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଗୋପବନ୍ଧୁଙ୍କର ଏହିଭଳି ମହତ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସାରେ ଶତମୁଖର ହୋଇଥିଲେ। ଜାତୀୟତାବାଦର ଏକ ନୂତନଧାରା ସତ୍ୟବାଦୀର ସାଧକ ଗୋଷ୍ଠି ସାହିତ୍ୟ ମାଧ୍ୟମରେ ପ୍ରକାଶକରି ଯେଉଁ ମାନବୀୟ ଆଦର୍ଶବାର୍ତ୍ତା ପ୍ରଚାର କରି ଯାଇଛନ୍ତି ତାହା ସେମାନଙ୍କୁ ଚିରଦିନ ପାଇଁ ବଞ୍ଚାଇ ରଖିଥିବ। ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ଗୋପବନ୍ଧୁ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ନିମି 'ସତବାଦୀ' ନାମକ ମାସିକ ସାହିତ୍ୟ ପତ୍ରିକା ଓ 'ସମାଜ' ନାମରେ ସାପ୍ତାହିକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ। ସମାଜ ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ଭାବେ ସାରା ଓଡ଼ିଶାରେ ଜନାଦୃତ ହୋଇ ସମ୍ବାଦ ସରବରାହ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ସମାଜ କାର୍ଯ୍ୟାଳୟ ବନ୍ୟା, ବାତ୍ୟା ସମୟରେ ଦୁର୍ଗତ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରି, ଅସହାୟମାନଙ୍କୁ ସାହାଯ୍ୟ କରିଥାଏ। ଗୋପବନ୍ଧୁଙ୍କର ଜାତୀୟତାବୋଧ ଥିଲା ଅନ୍ତର୍ମୁଖୀ, ଏଥିରେ ତିଳେମାତ୍ର ସଂକୀର୍ଣ୍ଣତା ଭାବ ନଥିଲା। ତାଙ୍କର ଜାତୀୟ ଚେତନା ଥିଲା ଆକାଶ ପରି ବ୍ୟାପକ। ସେ ଭଲ ଭାବରେ ଜାଣିଥିଲେ, ନିଜସ୍ୱ ପରମ୍ପରା ଓ ସଂସ୍କୃତି ଛାଡି ଜାତୀୟ ଜୀବନ ପରିକଳ୍ପନା କରାଯାଇ ନପାରେ। ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥା, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍ଲେଟିଭ୍ କାଉନସିଲ୍ର ସଭ୍ୟ ପଦ ପାଇଥିଲେ। ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ପାଇଁ ଗୋପବନ୍ଧୁ ସାହାଯ୍ୟ ସଂଗ୍ରହ କରି ନିଃସ୍ୱ ଓ ନିସହାୟ ଲୋକମାନଙ୍କୁ ଦୁର୍ଦ୍ଦିନରେ ସହାୟ ହୋଇଥିଲେ। ଗୋପବନ୍ଧୁ ମନୁଷ୍ୟର ଦୁଃଖ ଦୈନ୍ୟରେ ଲହୁଲୁହାଣ ହୋଇ ଲୁହ ଝରାଉଥିଲେ ଓ ଘାତ ପ୍ରତିଘାତ ସତ୍ତ୍ୱେ ସହାୟତାର ସମସ୍ତ ପ୍ରୟାସ କରୁଥିଲେ। ନିଜର ବ୍ୟକ୍ତିଗତ ଅଭାବ ଅସୁବିଧାକୁ ଅଣଦେଖାକରି, ସେ ନିଃସ୍ୱ ନିସହାୟକୁ ବଞ୍ଚିବାର ରାହା ଦେଖାଇଥିଲେ। ଗୋପବନ୍ଧୁ ଭାବୁଥିଲେ ମମତା ଓ ଭାତୃଭାବ ହିଁ ହେଉଛି ଜାତୀୟତାର ମୂଳମନ୍ତ୍ର। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଗଣସ୍ୱାର୍ଥରେ ଜାତୀୟତାର ବିକାଶ ହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦେଇଥିଲେ ତ୍ୟାଗ ଓ ଦେଶ ପ୍ରେମର ବାର୍ତ୍ତା। ଦେଶ ଓ ଜାତିର ଉନ୍ନତି ପାଇଁ ସେ ନିଜକୁ ସମର୍ପିତ କରି ଦେଇଥିଲେ। ଦେଶ ଓ ଜାତି ପାଇଁ ଏପରି ଆତ୍ମବଳିଦାନର ପରମ୍ପରା କେବଳ ଗୋପବନ୍ଧୁ ସୃଷ୍ଟି କରି ଯାଇଛନ୍ତି। ସେ ଥିଲେ ଜାତୀୟତାର ଜୀବନ୍ତ ପ୍ରତୀକ। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଚିନ୍ତାଧାରା ଦେଖିବାକୁ ମିଳେ ନାହିଁ। ବାସ୍ତବରେ ଗୋପବନ୍ଧୁ ଥିଲେ ଜଣେ ଦରଦୀ, ପରପୋକାରୀ, ହୃଦୟବାନ ମଣିଷ। ତାଙ୍କର ତ୍ୟାଗ ଓ ଜାତି ପ୍ରେମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ପାଇଁ ମନେ ରଖିଥବ। ଉତ୍କଳମଣିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମତିଥି ବା ଶ୍ରାଦ୍ଧ ଦିବସରେ କେବଳ ପୁଷ୍ପମାଲ୍ୟ ଦେଲେ ଚଳିବ ନାହିଁ। ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କଲେ ଏହା ହେବ ଉତ୍କଳମଣିଙ୍କ ପାଇଁ ଶ୍ରେଷ୍ଠ ଅର୍ଘ୍ୟ ଓ ଶ୍ରେଷ୍ଠ ସମ୍ମାନ।

*ସେକ୍ଟର -୯, ସିଡିଏ, କଟକ*
*ଦୂରଭାଷ : ୯୯୩୭୨୨୪୦୮୫*

# ଜୀବନର ପ୍ରବାହ



ଅନୀତା ପଟ୍ଟନାୟକ

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ଼, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ। ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି ? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି ? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲୋଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁହିଁ ପ୍ରକୃତ ସେବା କୁହାଯାଏ। ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ। ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ୍ୟ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଟୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି ? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷିକା,*
*ସେକ୍ଟର-୧୦, ସିଡିଏ, କଟକ*
*ଦୂରଭାଷ : ୯୬୯୨୯୮୦୦୨୬*

## ଧାରାବାହିକ ଉପନ୍ୟାସ

ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୮




*(ପୂର୍ବପ୍ରକାଶ ଉତ୍ତାରୁ)*

ଆଉ ତାର ଅନାଥିନୀ ନାତୁଣୀଟିକୁ ପାଠ ପଢାଇ ଶିକ୍ଷିତା କରି ତାର ସମସ୍ତ ଦାୟିତ୍ୱ ବି ସେ ବହନ କରିଛନ୍ତି ଏଯାବତ୍। ତେଣୁ ଏଭଳି ଲୋକଟିକୁ କଣ କଷ୍ଟ ଯନ୍ତ୍ରଣା ଭିତରେ ଛନ୍ଦିହୁଏ.. ?

ସେଥିପାଇଁ ମୁଁ ଦୂରେଇ ଯିବାକୁ ଚାହିଁଲି। କାରଣ ପାପାମାମା ଓ ଦାଦାଙ୍କର ବିଜିନେସ୍ ଏବେ ମୋ ଉପରେ ନ୍ୟସ୍ତ। ମୋତେ ହିଁ ଦେଖିବାକୁ ହେବ ସେଗୁଡିକୁ। ସେମାନେ ମୋ ଉପରେ ନିର୍ଭରଶୀଳ। ବାପାମାଆ ଓ ଗୁରୁଜନମାନଂକ ପାଇଁ କଣ କରାଯାଏ, ସେସବୁ ମୁଁ ଅନିମେଶଙ୍କଠାରୁ ଶିକ୍ଷା କରିଛି, ଯାହା ଆଜିକାଲି ଜୀବନରେ କାମରେ ଲଗାଇପାରିବି। ଡିଭୋର୍ସ ଠିକ୍‌ରେ ସରିଯାଇଥିଲା। ଏୟାରପୋର୍ଟରୁ ବିଦାୟ ନେଲେ ଅନିମେଶ୍। କଥାହେଲା- ପିଲା ଦୁଇଜଣ ଦୁଇବର୍ଷ ପରେ ଓଡିଶା ଆସି ଅନିମେଶ୍‌ଙ୍କ ପାଖରେ ରହିବେ। ମନିଷା ସବୁ ଦୁଃଖ ପିଇ ପ୍ରାୟଶ୍ଚିତ କରିବ।

—୭—

ଆଜିକାଲି ଏତେବଡ ଘରଟାରେ ଲୀନା ଓ ସାନବାବୁ ଖୁବ୍ ଏକାକୀ। ଦିନସାରା ଅଫିସ୍..ତାପରେ ଘର ଭିତରେ..। ଏତେ ବଡ ଘରଟାକୁ ଜଗି ପଡିରହେ ଲୀନା। ଏ ଅବେଳରେ ସେ ତାଙ୍କୁ ଏକାକରି କୁଆଡେ ବା ଯିବ! ସବୁ ଦାୟିତ୍ୱ ତ ତା ହାତରେ। ତା ବିନା ସାନବାବୁ ଚଳିପାରିବେନି।

ଆଜିକାଲି କ୍ଷୀରବାଲା ସହିତ ଗୋଟେ ପିଲା ବରାବର ତାଙ୍କ ଘରକୁ ଆସୁଛି। ଏତେ ବଡବଡ ଆଖିରେ ସେ ଚାହୁଛି ଲୀନାକୁ..ଆପାଦମସ୍ତକ। ତା ଚାହାଣୀ ଯେପରି ଶରବିଦ୍ଧ କରୁଛି! ସେ କୁତ୍ସିତ ଚାହାଣୀରେ ଲୀନା ଘୃଣାରେ ଶୀହରି ଉଠୁଛି। ଦିନେ ସମୟ ଉଣ୍ଡି କ୍ଷୀରବାଲାକୁ ପଚାରିଥିଲା- ମଦନା ଭାଇ, ସେ ପିଲାଟି କିଏ, ଯାହାକୁ ତୁମେ ଏଠିକୁ ଆଣୁଛ ? ସେ ତା ପାନଖିଆ ଦାନ୍ତ ନିକୁଟି କହୁଥିଲା ଯେ ସେ ପିଲାଟି କୁଆଡେ ତା ପିଉସୀ ପୁଅ ଭାଇର ଶଳା। ଭଲ ପାଠ ପଢୁଥିଲା। ମାଇନର୍ ପାଶ୍ କରିଛି। ହେଲେ ଅଭାବୀ ସଂସାର ଚଳେଇବାକୁ ଏଇ ଛକପାଖରେ ଠେଲାଗାଡିଟିଏ କରିଛି।

ସନ୍ଧ୍ୟାହେଲେ ତା ପାଖରେ ଖୁବ୍ ଗହଳି ଜମିଯାଏ। ବରା, ଆଳୁଦମ୍ ସାଙ୍ଗକୁ ପିଆଜୀ, ଆଳୁଚପ୍, ଜିଲାପୀ ଏମିତି କେତେକଣ ଜିନିଷ ବିକ୍ରୀ କରେ। ଆଉ ଘରକୁ ଗଲାବେଳକୁ ଗାଡିଖାଲି..! ସବୁତକ ବିକ୍ରୀ ହୋଇଯାଏ ଛାଣିବା ମାତ୍ରକେ! ଭାରି ଲକ୍ଷ୍ମୀମନ୍ତିଆଟା! ଠେଲା ଗାଡିରେ ହାତ ଦେଉଦେଉ ତା ବେପାର ବଢିଗଲା । ଆଜିକାଲି ସେ ବୋଲହାକ କରିବାକୁ ଛୋଟିଆ ପିଲାଟାଏ ରଖିଛି। ଖୁବ୍ ପଇସା ରୋଜଗାର କରୁଛି ସେ!

ଲୀନା ମୁହଁ ଆମ୍ବିଳା କରି କହିଲା- ଥାଉ, ମଦନା ଭାଇ ଏତେ ପ୍ରଶଂସା କର ନାହିଁ। କାଲି ଆସି ତୁମ ହିସାବ ପରଖିନେବ। ମୁଁ ଟଙ୍କା ରଖି ଦେଇଥିବି। ମଦନା ମୁହଁଟା ରାଗରେ ସଢା ଓଉ ଭଳି ଦିଶିଲା।

"ଆହା,ଏତେ ପ୍ରଶଂସା କଲେ ବି ଟୋକିଟା..ଶୁଣିଲା ନାହିଁ! ଯାହା ବି ଶୁଣିଲା, କିଛି ଉତ୍ତର କଲା ନାହିଁ । ଭାରି ବଡଲୋକୀ ଠାଣୀରେ ଡଗଡଗ ହୋଇ ଚାଲିଗଲା ତା କଅଁଳ ଦେହକୁ ନଚେଇ। ପୁରା ଏକାଟିଆ ଏତେ ବଡ ମହଲରେ କଣ କରୁଛି ? ବାହା ସାହା ନହୋଇ ଏଠିକଣ ଖାଲିଟାରେ ହେଣ୍ଡି ମାରୁଛି ? ସେ ସାନମାଲିକ କଣ ବିନା ସ୍ୱାର୍ଥରେ ତାକୁ ଘରେ ରଖିଛି ? ତାକୁ ଘରକାମ କରିବାକୁ କେହି ମରଦ ମିଳୁନାହାନ୍ତି କି"ପଚାରିଲା ତାର ପିଉସୀପୁଅ ଭାଇର ଶଳା ନାଥିଆ।

ହଅ, ମିଳିବେନି କିଆଁ! ମୁଁ ନିଜେ ପରା ତା ଘର ପାଇଁ ତିନି ଚାରିଟା ମରଦପିଲା ଯୋଗାଡି ଦେଇଥିଲି। ହେଲେ ସେ ମାଲିକଟା ରାଜି ହେଲାନି। ସେ ଟୋକୀଟା ବି ମନା କଲା, ନାକ ଟେକିଲା। ଶାଳୀଟାର କଣ କମ୍ ବହପ କି? ମୋ ଘରବାଲୀ ହେଇଥିଲେ ନା ଦେଇଥାନ୍ତି ଦି'ମୁଥ, ଏକାବଳେକେ ଅଜା ବାହାଘର ମନେ ପଡିଯାଇଥାନ୍ତା! ମାଇକିନାମାନଙ୍କୁ ଏତେ ମୁଣ୍ଡ ଉପରେ ଚଢାଇବ କଣ ଯେ!

*(କ୍ରମଶଃ)*

## ରଫ୍ ଖାତା

ଜିନାତମାମ୍ ଦର୍ଜୀ






ହଇଜାରେ ବାପା-ମାଆ ଗଲା ପରେ ସାନଭାଇ ମଙ୍ଗଲୁର ସମସ୍ତ ଦାୟିତ୍ୱ ଓ ଘରଟା ଯାକର କାମ ଏଗାର-ବାର ବର୍ଷର 'ପାର' ତୁଲେଇ ନିଏ। ବାଡିର ସଜନା ଶାଗ ଓ ପଖାଳ ଦିଇଟା ତାଙ୍କର ନିତି ଦିନିଆ ଖାଦ୍ୟ। ଆଇଁସ କେବେ ପାଟିରେ ବାଜିଥିଲା ଛୁଆ ଦିଟାର ମନେ ନାହିଁ। ସବୁଦିନ ସକାଳୁ ସେ ମଙ୍ଗଲୁକୁ ସ୍କୁଲ ପଠେଇ ଦେଇ ଘରକାମରେ ଲାଗି ପଡେ। ରୋଷେଇ ସାରିଲେ ତ ବେଳାରେ ଖାଇବେ! ଗାଁରେ କାହାର ବାହାଘର କି ବ୍ରତଘର ପଡିଲେ ପାରକୁ ଡାକନ୍ତି। ଜାମାପଟା ଦିଖଣ୍ଡ ଓ ବଳକା ଭାତ ତରକାରୀ ଦିଅନ୍ତି। ସେତିକିରେ ଭାଇ ଭଉଣୀ ଦୁଇ ତିନିଦିନ ଚଳି ଯାଆନ୍ତି।

ସେଦିନ ସେ ଖୁବ୍ ଯୋର ରେ କାନ୍ଦୁଥାଏ। ପଧାନେ ପଚାରିଲେ, 'କାହିଁକି କାନ୍ଦୁଛୁ ପାର ?' ତାହା ଶୁଣି ସେ ଆହୁରି ଜୋରରେ କାନ୍ଦିବାରେ ଲାଗିଲା । ଶେଷରେ ମଙ୍ଗଲୁ କହିଲା, 'ମୁଁ ବହିରେ ଗାରେଇ ଥିବାରୁ ଦେଇ ବହୁତ ପିଟିଲା ଆଉ ପିଟି ସାରି ନିଜକୁ ନିଜେ କାନ୍ଦୁଛି।' ପଧାନେ କହିଲେ, 'ପାର ଗଲୁ ଆମ ଘରୁ ପୁରୁଣା ଖାତା କେତେଟା ଆଣିଦେବୁ। ମଙ୍ଗଲୁ ସେହିଥିରେ ରଫ୍ କରିବ।' ସେତିକିରେ ତାର କାନ୍ଦିବା ବନ୍ଦ ହେଇଗଲା। ଛୋଟ ଛୁଆ ଦିଟାକୁ ଗାଁ ଟା ସାରା ଭଲ ପାଆନ୍ତି। କାଉ କୋଇଲି ବି ଚିହ୍ନନ୍ତି ଭାଇ ଭଉଣୀଙ୍କୁ।

ସେଦିନ ଗ୍ରାମ ଦେବତୀ ଙ୍କ ପିଢ଼ ପୂଜା। ବୋଦା ବଳି ପଡି ଗାଁ ସାରା ଭାଗବଣ୍ଟା ହେବ। ହେଲେ ପାର କୋଉ ଚାନ୍ଦା ଦେଇଛି ଯେ ମାଂସ ଭାଗ ପାଇବ? ତଥାପି ଆଇଁସ ଟିକେ ଖାଇବାରଲୋଭ ତାକୁ ମାଂସ କଟା ହେଉଥିବା ବୁଦୁବୁଦିଆ ଜଙ୍ଗଲକୁ ଟାଣି ନେଲା। ଅଦରକାରୀ ମାଂସକୁ ଫୋପାଡ଼ି ଦେବାକ୍ଷଣି କୁକୁର ଗୁଡାକ ବିକଟାଳ ଶବ୍ଦ କରି ପରସ୍ପର ମଧ୍ୟରେ ଲଢ଼େଇ କରି ଖାଇବାରେ ଲାଗିଲେ। ତାର ନଜର ସେହି ଫୋପଡା ଯାଉଥିବା ମାଂସ ଉପରେ ପଡିବାରୁ ବାଡି ଖଣ୍ଡେ ଧରି କୁକୁର ଗୁଡାକୁ ହଟାଇବାକୁ ଲାଗିଲା। ଚିହ୍ନା କୁକୁର ଗୁଡାକ ସିନା ହଟିଗଲେ ହେଲେ କୁଆଡୁ ଗୁଡାଏ ବଳବାନ କୁକୁର ଆସି ତାକୁ ନିକଟସ୍ଥ ବୁଦାମୂଳକୁ ଟେକିନେଇଗଲେ।

କୁକୁରଙ୍କ ଭୋ ଭୋ ଶବ୍ଦ ରେ ତାର ବିକଳ ଚିତ୍କାର ବି ମିଳେଇ ଗଲା। ଚେତା ସିନା ଫେରିଲା,ହେଲେ ସବୁ ଦିନ ପାଇଁ ଘରକୁ ଫେରିବାର ବାଟ ଭୁଲିଗଲା ପାର। ସେହିଦିନଠୁ ବୁଲୁଛି ଯେ ବୁଲୁଛି। ଆହାଃ! ତା'ପରି ସୁନ୍ଦର ସାଦା ପୂଣ୍ୟ ପୋଥିଟିକୁ ଅମଣିଷ କୁକୁର ଗୁଡାଏ ଦଳି ଚକଟି ରଫ୍ ଖାତା କରିଦେଲେ।

**ବରପାଲି, ବରଗଡ଼**
**ଦୂରଭାଷ : ୮୦୧୮୮୦୭୧୫୩**



## ସ୍ମରଣୀୟ ହୋଲି ଗୀତ

ନାଟ୍ୟ ସାରଥି ଅଭୟ କୁମାର ଦାସ

ହୋଲିର ରଙ୍ଗ ମାହୋଲ ଭିତରେ ଅନେକ ଚଳଚ୍ଚିତ୍ର ସ୍ମରଣକୁ ଆସୁଛି। ଫଗୁ ଓ ଫଗୁଣର ମହୋତ୍ସବ ପାର୍ବଣ ହୋଲି ସମସ୍ତଙ୍କ ଭିତରେ ଜୀବନ୍ତ ଓ ସ୍ମୃତି ବିଜଡ଼ିତ। ସିନେମା ଭିତରେ ଆମ ସାମ୍ନାକୁ ଯେଉଁ ହୋଲି ଗୀତର ଧୁନ୍ ଚିର ଅଭୁଲା ଓ ସ୍ମରଣୀୟ ସେଗୁଡ଼ିକ ହେଉଛି 'ଆନ' ଚଳଚ୍ଚିତ୍ରର ଖେଲୋ ରଙ୍ଗ୍ ହମାରେ ସଙ୍ଗ୍... : ବଲିଉଡର ପ୍ରଥମ ଟେକନିକଲର ଫିଲ୍ମ 'ଆନ୍'ରେ ଖଞ୍ଜା ଯାଇଥିଲା ରଙ୍ଗଭରା ହୋଲି ଗୀତ ଖେଲୋ ରଙ୍ଗ ହମାରେ ସଙ୍ଗ...। ଫିଲ୍ମଟି ୧୯୫୩ରେ ରିଲିଜ ହୋଇଥିଲା। ଏହା ହୁଏତ ପ୍ରଥମ ହୋଲି ଗୀତ ହୋଇନପାରେ, କିନ୍ତୁ ଏକ ସ୍ମରଣୀୟ ହୋଲି ଗୀତ। ଫିଲ୍ମର ନିର୍ଦ୍ଦେଶକ ଥିଲେ ନୌଶାଦ୍। ଶମଶାଦ ବେଗମ୍ ଓ ଲତା ମଙ୍ଗେସକର ଗାଇଥିବା ଏ ଗୀତରେ ଅଭିନୟ କରିଥିଲେ ଦିଲ୍ଲୀପ କୁମାର ଓ ମଙ୍ଗଲା। ସେହିପରି 'ମଦର ଇଣ୍ଡିଆ' ଚଳଚ୍ଚିତ୍ରର ହୋଲି ଆୟି ରେ କହ୍ନାଇ ହୋଲି ଆଇ ରେ..... : ଓସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଥମ ହିନ୍ଦୀ ଫିଲ୍ମ ମଦର ଇଣ୍ଡିଆ। ୧୯୫୮ରେ ରିଲିଜ ହୋଇଥିଲା। ଫିଲ୍ମରେ ଥିଲା ଏକ ଜମାଣିଆ ହୋଲି ଗୀତ ହୋଲି ଆୟି ରେ କହ୍ନାଇ ହୋଲି ଆଇରେ। ଏ ଗୀତରେ ଅଭିନୟ କରିଥିଲେ ନର୍ଗିସ ଓ ରାଜକୁମାର। କଣ୍ଠଦାନ କରିଥିଲେ ଲତା ମଙ୍ଗେସକର ଏବଂ ସମଶାଦ ବେଗମ। 'କଟିପତଙ୍ଗ'ର ଆଜ୍ ନା ଛୋଡେଙ୍ଗେ.... ବୁରା ମାତ୍ ମାନୋ, ଆଜ୍ ହୋଲି ହୈ : ୧୯୭୦ରେ ବଲିଉଡ ଫିଲ୍ମ କଟି ପତଙ୍ଗରେ ଥିଲା ଏଇ ମସ୍ତିଭରା ହୋଲି ଗୀତ ଆଜ୍‌ନା ଛୋଡେଙ୍ଗେ। ଏଥିରେ ଅଭିନୟ କରିଥିଲେ ସୁପରଷ୍ଟାର ରାଜେଶ ଖାନ୍ନା ଓ ଆଶା ପାରେଖ୍। କିଶୋର କୁମାର ଓ ଲତା ମଙ୍ଗେସ୍‌କର କଣ୍ଠଦାନ କରିଥିଲେ। 'ଶୋଲେ'ର ହୋଲି କେ ଦିନ୍... କରିଥିଲେ ଅଜୟ ଦେବଗନ, ମନୀଷା କୋଇରାଲା ଏବଂ କରିସ୍ମା କପୂର। ଗୀତଟି ଗାଇଥିଲେ ସୁରେଶ ୱାଦେକର, କବିତା କୃଷ୍ଣମୂର୍ତ୍ତି ଓ ନିତିନ୍ ମୁକେଶ। 'ମୋହବତେଁ'ର ସୋନି ସୋନି ଆଖିୟୋଁ ୱାଲି : ୨୦୦୦ରେ ରିଲିଜ ହୋଇଥିବା ମୋହବତେଁ ଫିଲ୍ମର ସୋନି ସୋନି ଆଖିୟୋଁ ୱାଲି ବେଶ ଲୋକପ୍ରିୟ। ଏ ଗୀତର କଣ୍ଠଶିଳ୍ପୀଙ୍କ ତାଲିକା ବେଶ ଲମ୍ବା। ଇଶାନ, ଯଶପିନ୍ଦର ନରୁଲା, ମନୋହର ସେଟ୍ଟୀ, ଉଦିତ୍ ନାରାୟଣ ପ୍ରମୁଖ ଗୀତଟି ଗାଇଥିଲେ।



: ବଲିଉଡ୍ ଇତିହାସର ସବୁଠାରୁ ସଫଳ ଓ ଶ୍ରେଷ୍ଠ ଫିଲ୍ମ ଭାବେ ସ୍ୱୀକୃତି ସୋଲେ ୧୯୭୫ରେ ରିଲିଜ୍ ହୋଇଥିଲା। ଏ ଫିଲ୍ମରେ ଥିଲା ଗୋଟିଏ ଚମତ୍କାର ହୋଲି ଗୀତ ହୋଲି କେ ଦିନ। ପରଦା ଉପରେ ହୋଲି ଖେଳି ବୀରୁ (ଧର୍ମେନ୍ଦ୍ର) ଓ ବସନ୍ତୀ (ହେମାମାଳିନୀ) ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୀତଟିକୁ ଗାଇଥିଲେ କିଶୋର କୁମାର ଓ ଲତା ମଙ୍ଗେସକର। 'ସିଲସିଲା'ର ରଙ୍ଗ ବରଷେ, ଭିଗେ ଚୁନରୱାଲି.. : ୧୯୮୧ରେ ରିଲିଜ ହୋଇଥିବା ସିଲ୍‌ସିଲାରେ ରଙ୍ଗ ବରଷେ, ଭିଗେ ଚୁନର ୱାଲି ନିଃସନ୍ଦେହରେ ବଲିଉଡର ସବୁଠାରୁ ଲୋକପ୍ରିୟ ହୋଲି ଗୀତ ମଧ୍ୟରୁ ଗୋଟିଏ। ଏ ଗୀତରେ ଅମିତାଭ ବଚ୍ଚନଙ୍କ ଭାଙ୍ଗ ଖିଆ ନୃତ୍ୟ ସହିତ ରେଖା, ସଂଜୀବ କୁମାର ଓ ଜୟା ଭାଦୁରୀଙ୍କ ଅଭିନୟ ଦର୍ଶକଙ୍କ ମନରେ ଏବେ ବି ଛାପ ରହିଛି। ଅଭିତାଭ ନିଜେ ଗୀତଟି ଗାଇଥିଲେ। 'ଧନ୍‌ବାନ୍'ର ରଙ୍ଗ ଦି ରଙ୍ଗ ଦି : ୧୯୯୩ରେ ରିଲିଜ ହୋଇଥିବା ଧନବାନ ଫିଲ୍ମରେ ଥିଲା ହୋଲି ଗୀତ ରଙ୍ଗ ଦି ରଙ୍ଗ ଦି। ଅଭିନୟ

ପରିଣତ ବୟସର ବାପାମାଆଙ୍କ ସମ୍ପର୍କ ପିଲାମାନଙ୍କ ଅବଦାନକୁ ନେଇ ପ୍ରଚୁର ଦର୍ଶକୀୟ ଆଦୃତି ପାଇଥିବା ଚଳଚ୍ଚିତ୍ର 'ବାଗବାନ'ର ହୋଲି ଖେଲେ ରଘୁବୀର : ୨୦୦୩ ମସିହାରେ ରିଲିଜ ହୋଇଥିଲା ବାଗବାନ। ଫିଲ୍ମରେ ଥିବା ହୋଲି ଖେଲେ ରଘୁବୀର ଗୀତରେ ଅଭିନୟ କରିଥିଲେ ବୟସ୍କ ଅମିତାଭ ଓ ହେମାମାଳିନୀ। ନିଜେ ଅମିତାଭ କଣ୍ଠଦାନ କରିଥିଲେ। ଅମିତାଭଙ୍କ ସହିତ ଗୀତଟିକୁ ଗାଇଥିଲେ ସୁଖବିନ୍ଦର ସିଂହ, ଅଳକା ଯାଜ୍ଞିକ୍ ଓ ଉଦିତ୍ ନାରାୟଣ। 'ୱକ୍ତ'ର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି : ୨୦୦୫ ମସିହାରେ ରିଲିଜ ହୋଇଥିବା ୱକ୍ତ ଦ ରେସ୍ ଏଗେନ୍‌ଷ୍ଟ ଟାଇମ୍ ଫିଲ୍ମର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି ଗୀତରେ ନୃତ୍ୟ କରିଥିଲେ ହିଟ ଯୋଡ଼ି ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରା। ଗୀତଟିକୁ ଗାଇଥିଲେ ଅନୁ ମଲ୍ଲିକ ଓ ସୁନିତ୍ ଚୌହାନ୍। 'ୟେ ଜୱାନୀ ହୈ ଦିୱାନୀ'ର ବାଲମ୍ ପିଚକାରୀ ତୁନେ ମୁଝେ ମାରି : ୨୦୧୩ରେ ରିଲିଜ ହୋଇଥିବା ୟେ ଜୱାନୀ ହୈ ଦିୱାନୀରେ ଏକ ମସ୍ତିଭରା ହୋଲି ଗୀତ ଥିଲା। ବାଲମ୍ ପିଚକାରି ତୁନେ ମୁଝେ ମାରି। ଗୀତରେ ନୈନା (ଦୀପିକା ପାଦୁ୍ୟକୋଣ), କବୀର (ରଣବୀର କପୂର) ଓ ଅଭି (ଆଦିତ୍ୟ ରୟ କପୂର) ରଙ୍ଗ ଖେଳରେ ମାତିଥିଲେ। ଗୀତଟି ଗାଇଥିଲେ ଶାଲମାଲି ଖୋଲ୍‌ଗାଡ଼େ ଓ ବିଶାଳ ଦାଦ୍‌ଲାନି। 'ଗୋଲିୟୋଁ କୀ କା ରାସ୍‌ଲୀଳା - ରାମଲୀଳା'ର ଲହୁ ମୁହଁ ଲଗ୍ ଗୟା : ୨୦୧୪ରେ ରିଲିଜ୍ ହୋଇଥିବା ସଞ୍ଜୟ ଲୀଲା ବଂଶାଲୀଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ ଗୋଲିୟୋଁ କୀ ରାସ୍‌ଲୀଳା : ରାମ ଲୀଳାରେ ଥିଲା ଏଇ ଭିନ୍ନ ସ୍ୱାଦର ହୋଲି ଗୀତ ଲହୁ ମୁହଁ ଲଗ୍ ଗୟା। ଫିଲ୍ମର ନାୟକ ନାୟିକା ଥିଲେ ରଣବୀର ସିଂହ ଓ ଦୀପିକା ପାଦୁ୍ୟକୋଣ। ଏଥିରେ କଣ୍ଠଦାନ କରିଥିଲେ ଶାହୀଲ।

ବଲିଉଡରେ ହୋଲି ପାର୍ଟି : ଏକଦା ବଲିଉଡରେ ହୋଲି ପାର୍ଟିର ଆସର ଢ଼େର ଲୋକପ୍ରିୟତା ଅର୍ଜନ କରିଥିଲେ। କିମ୍ବଦନ୍ତୀ କଳାକାର ସ୍ୱର୍ଗତ ରାଜକୁମାରଙ୍କ ଦ୍ୱାରା ବିଲିଉଡରେ ବୋଧେ ପ୍ରଥମେ ହୋଲି ପାର୍ଟିର ଆୟୋଜିତ ହୋଇଥିଲା। ପ୍ରସିଦ୍ଧ ଆର୍‌କେ ଷ୍ଟୁଡିଓ ପରିସରରେ ହୋଲି ପାର୍ଟି ଆୟୋଜନ କରି ବଲିଉଡର ସବୁ କଳାକାର ଓ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଆମନ୍ତ୍ରଣ କରୁଥିଲେ। ବିଆର ଚୋପ୍ରାଙ୍କ ବଙ୍ଗଳାରେ ଆୟୋଜିତ ହୋଲି ପାର୍ଟି ବି ସେତେବେଳେ ବେଶ ଚର୍ଚ୍ଚାରେ ଥିଲା। ପରେ ଅମିତାଭ ବଚ୍ଚନ, ସୁଭାଷ ଘାଇ, ଜାଭେଦ ଅଖ୍‌ତାର, ସବାନା ଆଜ୍‌ମୀ, ଶାହରୁଖ ଖାନ୍ ହୋଲି ପାର୍ଟି ଆୟୋଜିତ କରୁଥିଲେ। ଏବେ ହୋଲି ପାର୍ଟି ପରମ୍ପରା ବନ୍ଦ ହେବାକୁ ବସିଲାଣି। କେତେ ଜଣ ତାରକା ବନ୍ଧୁମାନଙ୍କ ସହିତ ହୋଲି ପାଳୁଥିବାର ଦେଖାଯାଉଛି।

**ଗୋଡରା, ମାହାଙ୍ଗା, କଟକ**
**ଦୂରଭାଷ : ୯୪୩୭୧୪୨୭୧୭**



## ନାରୀ

ପ୍ରଶାନ୍ତ କୁମାର ମିଶ୍ର



ନାରୀ ସର୍ବସଂହା ଧରିତ୍ରୀ
ସମାନା ଗଢ଼ିଛି ବିଧାତା ଜାଣ,
ସବୁଠୁ ସୁନ୍ଦର ମାଆର ହୃଦୟ
ତାହା ଠାରେ ଅଛି ପୁଣ।
ସରଳ ସୁନ୍ଦର ମନଟି ତାଙ୍କର
ବହି ହୃଦୟରେ ପ୍ରେମ,
ସେହି ପ୍ରେମେ ବାନ୍ଧି ରଖନ୍ତି
ସଭିଏଁ ନାହିଁ ତାର ଅନୁପମ।
ପ୍ରେମମୟୀ ନାରୀ ପୁରୁଷର
ଶକ୍ତି ପୁଣି ଅଟଇ ଚେତନା,
ପୁରୁଷ କଲ୍ୟାଣ ପାଇଁକି
ସେ ନିତି ବସି କରଇ ପ୍ରାର୍ଥନା।
ଶ୍ରେଷ୍ଠ ସୃଷ୍ଟି ସିଏ ଅଟେ
ଜଗତର କଲ୍ୟାଣ ପାଇଁ ତା ଜନ୍ମ,
ଗୋଟିଏ ଶରୀର ରୂପ
ଭିନ୍ନଭିନ୍ନ ସବୁ ହୃଦେ ବିଦ୍ୟମାନ।
ଧୈର୍ଯ୍ୟର ପ୍ରତୀକ ସ୍ୱୟଂ ସହାୟକ
ପ୍ରେମର ମୂରତି ଟିଏ,
ସୁଶୀତଳ ବାଣୀ ମନ ନିଏ ଟାଣି
ପରକୁ କୋଳେଇ ନିଏ।
ସ୍ନେହମୟୀ ହୋଇ ମମତା ବାଣ୍ଟଇ
ବିଶାଳ ହୃଦ ଧାରିଣୀ
ପ୍ରେମମୟୀ ନାରୀ କଲ୍ୟାଣ କାରିଣୀ
ପୁରୁଷ ମଙ୍ଗଳକାରିଣୀ।
ଭାଇର ଭଗିନୀ ପିଲାଙ୍କ ଜନନୀ
କେତେବେଳେ କେଉଁ ରୂପ,
ଶରୀର ଗୋଟିଏ ଭିନ୍ନ ରୂପ ନିଏ
ଅମୃତମୟୀ ସ୍ୱରୂପ।
ଧରିତ୍ରୀ ସମାନ ଅଟେ ତାର ମନ
କ୍ଲେଶ ସହେ ହସି ହସି,
ପିଇଯାଇ ଦୁଃଖ ବାଣ୍ଟୁଥିବ ସୁଖ
ହୃଦୟେ ପ୍ରେମ ପରଶି।
ସୌନ୍ଦର୍ଯ୍ୟ ଶାଳୀନି ହୁଏ ସିମନ୍ତିନୀ
ମଥାରେ ନାଇ ସିନ୍ଦୂର,
ସୌଭାଗ୍ୟ ବର୍ଦ୍ଧିନୀ ଅହ୍ୟ ସୁଲକ୍ଷଣୀ
ସିନ୍ଦୂର ଟୋପାଟି ତାର।
ସିନ୍ଦୂରର ଶକ୍ତି ଜଗତେ ଜାଣନ୍ତି
ପୁରାଣେ ବର୍ଣ୍ଣିତ ଯାହା,
ନାରୀର ସତୀତ୍ୱ ରଖଇ ଅସ୍ତିତ୍ୱ
ସ୍ୱାମୀ ପାଇଥାଏ ରାହା।
ଆୟୁ ଯଶ ମାନ ବଢେ କୀର୍ତ୍ତିମାନ
ସୁଲକ୍ଷଣୀ ନାରୀ ପାଇଁ,
ଭକତି ଅନ୍ତରେ ଡାକେ ନିରନ୍ତରେ
ସ୍ୱାମୀର ମଙ୍ଗଳ ପାଇଁ।

**ତାଳବସ୍ତ,ବାଙ୍କୀ, କଟକ**

## ପ୍ରତିକ୍ଷା

ନିବେଦିତା ରଥ



ମୁଁ ଏବେ ବୁଝି ଗଲିନି
ମୋ ଯନ୍ତ୍ରଣାର ଉତ୍ତପ୍ତ ମରୁଭୂମି ପରେ
କେବେ ବି ଫୁଲଟିଏ ଫୁଟିବନି ଆଉ,
ଏ ଧରିତ୍ରୀ କେବେ ବି ଭିଜି ଯିବନି
ମୋ ତତଲା ଲୁହରେ କି
ରକ୍ତର ନଇରେ,
ଖାଲି ଯାହା ମୋ ପ୍ରଶ୍ନର ବର୍ଷାରେ
ମୁଁ ନିଜେ ହିଁ ଭିଜୁ ଥିବି ବାରମ୍ବାର,
ରୁପାଝରା ନିଶୁନ ଏ ଜହ୍ନ ରାତିରେ
ଅବା ଏ ସହରର ଲମ୍ବା ଲମ୍ବା ରାଜରାସ୍ତାରେ,
ଚାଲିଥିବି ଏକା ଏକା
ତାରା ଭର୍ତ୍ତି ଆକାଶର ତଳେ,
ମୁଁ ଏମିତି ମୋର ସବୁ ଦୁଃଖକୁ
ବୋହି ଚାଲିଥିବି ଯୁଗ ଯୁଗ ଧରି,
ଜାତନାର ପଥଧାରେ ପାଦରେ
ମୋ କଣ୍ଟା ଫୁଟି କ୍ଷତାକ୍ତ ହେଉଥିବି ଥରକୁ ଥର,
ତଥାପି ବି ମୁଁ ଥିବି ନିର୍ବିକାର,
ନିରୁତ୍ତର ତୁମେ ପଚାରିଥିବା ସମସ୍ତ ପ୍ରଶ୍ନର,
ସବୁ ଦୁଃଖକୁ କବର ଦେଇ ଫେରୁ ଥିବା
ବାଟରେ ଦେଖା ତୁମ ସହ ମୋର,
ତୁମ ଆଖିରେ ଅନେକ ପ୍ରଶ୍ନର ସମ୍ଭାର,
ଠିକ ସେତିକି ବେଳେ ମୋ ଓଠରୁ ଝରିପଡ଼େ
କେବେ ନ ହସିଥିବା ହସ ଯୁଗ ଯୁଗର

**ଷ୍ଟେସନ ରୋଡ, ଢେଙ୍କାନାଳ**

## କେମିତି କହିବି

ଉମାକାନ୍ତ ମହାପାତ୍ର



କେମିତି କହିବି ଅନ୍ତର ତଳେ ମୋ
ବହୁଛି ଅନନ୍ତ ଶୋଷର ନଈ,
ଦୁଃଖ ଦରିଆରେ କାତ ପାଏ ନାଇଁ
ଥଳ କୂଳ ଟିକେ ମିଳୁଚି କାଇଁ !
ଅକୁହା କାହାଣୀ କହିବି କାହାକୁ
ଭୁଲିଯାଏ କାଲି କଥାକୁ ମିତ,
ଶବଦର ମାୟା ଭିଡିଧରେ ବୋଲି
ବୋଲି ପାରିଲିନି ସେଦିନ ଗୀତ !
ଅଳପ ଦେଖାରେ ଚାଲିଗଲ ତୁମେ
ଅବସାଦ ଭରି ଆପଣା ମନେ,
ବିବଶ ହୃଦୟ ବ୍ୟଥାରେ ରଚିଲା
ଅକଳପ ଯେତେ ଗଳପ କାନେ।
ଆଜି ସେଇ ଗପ କୁହୁକ ଲଗାଏ
ରଙ୍ଗ ଭରିଦିଏ ଜଗତ ପ୍ରାଣେ,
ସତସବୁ ମିଛ ପରିକା ଲାଗଇ
ମିଛ ଲାଗେ ସତ ପଣେକୁ ପଣେ!

**ବଳିଆପଣ୍ଡା, ପୁରୀ**

## ଫିକା ଫଗୁଣ

ସୁବ୍ରତ କୁମାର ଜେନା



କାହିଁ ଆଗ ଭଳି ମୁଁ ରଙ୍ଗର ମାୟାରେ ପଡୁନି,
ବୋଧେ ହୁଏ କିଛି ପରିବର୍ତ୍ତନ ଘଟିଛି ମୋଠି,
ନହେଲେ ଆଉ କିଛି ବୋଧେ
ନୂଆ ହେବାକୁ ଯାଉଛି,
ତଥାପି ମନରେ କାହିଁକି ସଂଶୟର ଆସ୍ଫାରଣ,
କିଛି ଭଲ ହେଉ ହେଉ ଭେଲ ହେବନିତ?
ତାହେଲେ ଆକାଶର ଏପରି ଅବସ୍ଥା ଯେ?
ଆଖି ପାଉନଥିବା ଦୂର ନୀଳ ଦିଗନ୍ତର
ଏ ପାଖରୁ ସେ ପାଖକୁ କିଏ
କାହିଁ ରଙ୍ଗାଇଲା ଧୁସରରେ,
ଏ କଣ ହୋଇଛି ଆକାଶର ସହମତିରେ?
ନା ଆତଙ୍କର କଳା ପାହାଡ଼
ଆକ୍ରମଣ କରିଛି ଅତର୍କିତ ଆସି,
ଲୁଟିବାକୁ ଚନ୍ଦନ ବନର ଚନ୍ଦନକୁ?
ଫଗୁଣ ଆସି ଜିବା ଜିବା ହେବା ଉପରେ,
ଧୀରେ ଧୀରେ ରଙ୍ଗ ସବୁ ଏକଜୁଟ ହେଲେଣି,
ଜିଦକରି ବସିଛନ୍ତି ରଙ୍ଗାଇବେ
ଯାହାକୁ ସାମ୍ନାରେ ପାଇବେ,
ହେଲେ ମୁଁ.... ?
ମୁଁ ଗୋଟେ ଦୀର୍ଘଶ୍ୱାଶ ଭରା ଅବଶୋଚନା,
ଇଛାକରିବି ଦେଖି ପାରୁନି
ସଠିକତାକୁ ଦୃଶ୍ୟପଟ୍ଟରେ,
ସବୁଆଡେ ଦେଖାଯାଏ
ମୋତେ ମୋ ଓଲଟ ପ୍ରତିବିମ୍ବ,
ଓଃ....ମୁଁ ଆଜି ଘେରିଯାଇଛି ଚକ୍ରବ୍ୟୂହରେ!
ହେଲେ ଜାଣେନା ଏହାର ସୂତ୍ରଧର କିଏ?
ଏ ଆକାଶ ,ଏ ଫଗୁଣ ସବୁଯାକ ମନୁଆ,
ସବୁବେଳେ ଦେଖାନ୍ତି କିଛି
ଆଉ ବାସ୍ତବତା କିଛି ଅଲଗା,
ଏମିତିରେ ମୁଁ କେମିତି
ପରଖିବି ମୋର ଆତ୍ମୀୟଙ୍କୁ,
ପାରେନି ଜାଣି କଣ ହେବ
ଏହାର ଯୋଗ୍ୟତାର ପରିଧି?
ହୁଏତ ମୁଁ ହୋଇପାରେ
ଜଡ଼ବାଦୀ ନହେଲେ ବାସ୍ତୁବାଦୀ,
ନହେଲେ ଶେଷରେ .....ଓଃ
ଆଉ କିଛି ପାରେନା ଜାଣି,
କିଏ ମୋତେ ଦେବ ସେହି ମନ୍ତ୍ର,
ମୁଁ ,ଆକାଶ,ଫଗୁଣ ଆଉ ତୁମକୁ
ଗୋଟିଏ ଫ୍ରେମରେ ବାନ୍ଧିବାକୁ ଚାହେଁ,
ନା, ଆଉ କିଛି ଅଭିଳାଷ
ନାହିଁ ଜୀବନରେ ମୋର।

**ଶୂରଡିହ,ନନ୍ଦିପୁର,ଯାଜପୁର**
**ଦୂରଭାଷ : ୯୭୭୬୨୦୮୯୩୦**

# ସତ୍ୟବାଦୀର ଶେଷସଖା ଆଚାର୍ଯ୍ୟ ହରିହର



ଅକ୍ଷୟ କୁମାର ରାଉତ

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ। ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର। ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ



ପୁତ୍ର ହେଲା ତାହାରି ନାମ ଦିଆଗଲା ହରି। ପାଞ୍ଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ। ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ। ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା।

ଗାଁର ଭର୍ଣ୍ଣାକୁଲର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ। ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ। ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ। ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା। ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ। ମାନବିକ ତଥା ବୈପ୍ଲବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ। ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ। ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର। ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି। ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି। କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି"? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ। ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ। ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ। କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ। ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ। ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ। କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ। ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ। ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ। ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ। ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି। ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ। ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି। ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି



ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର। ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ। ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା। ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ। ୧୯୩୧ରେ ହରିହର ଜେଲରେ ଥାଆନ୍ତି। ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା। ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ। ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ।

ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ। ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ। ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ। ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର। ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଲ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ। ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ। କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ।



ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ। ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା। ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ। ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ। ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି। ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ। ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା। ସେ ଏକାବେଳକେ ତଟସ୍ଥ ହୋଇଗଲେ। ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା। ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ। ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ। ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି। ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି। ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି। ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା। ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍। ହଠାତ୍ ତୀର୍ଥ ପାଲଟିଗଲା। ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ। ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ ନଂ - ୯୯୩୭୬୯୧୪୭୫*

# ଆଜିର ସମାଜ ଓ ଶ୍ରୀ ରାମକୃଷ୍ଣ



ପ୍ରଭାତ କୁମାର ମହାପାତ୍ର

ଆଜିର ହା ହତାଶମୟ ସମାଜରେ ଯେଉଁଠାରେ ଟିକିଏ ଶାନ୍ତି ପାଇବା ପାଇଁ ଲୋକେ ଉହଳ ବିକଳ ହୋଇ ବିବେକଶୂନ୍ୟ ହୋଇ ଚାରି ଆଡେ ବୁଲୁଛନ୍ତି, ସେହି ସମୟରେ ମହାପୁରୁଷ ମାନଙ୍କର ମହାନ୍ ଜୀବନକୁ ତର୍ଜମା କରିବା ବୋଧ ହୁଏ ଅଧିକ ସ୍ପୃହଣୀୟ ମନେ ହୁଏ। ଦେଖିବାକୁ ଗଲେ, ଆଜିର ସମାଜର ଗତି ବା କେଉଁ ଆଡ଼େ ତାହା ଉଣା ଅଧିକେ ସମସ୍ତଙ୍କୁ ଅନୁମେୟ। ଆଧୁନିକ ସମାଜ ସହିତ ଖାପ ଖୁଆଇ ଚାଲିବା ସମୟରେ ଆମେ ଭୁଲି ଯାଉଁ ଯେ, ଆମ ସମାଜରେ ଆଧାତ୍ମିକତା ମଧ ରହିଛି! ଆଧାତ୍ମିକତାର ନାମ ନେଲେ ଲୋକେ ନାକ ଟେକନ୍ତି। ଅର୍ଥାତ୍ ପରୋକ୍ଷରେ ସେମାନେ ଯେ ହିଂସା, ଦ୍ୱେଷ, ଗର୍ବ, ଈର୍ଷାକୁ ସମର୍ଥନ କରୁଛନ୍ତି, ତାହା ଆମେ ମାନିବାକୁ ହିଁ ପଡ଼ିବ।

ସହରୀ ସଭ୍ୟତାର ତାଳେ ତାଳେ ବର୍ତ୍ତମାନ ଦେଖା ଗଲାଣି ଗ୍ରାମ୍ୟ ସଭ୍ୟତା ମଧ ତଦ୍‌ରୂପ ରୂପ ଧାରଣ କଲାଣି। କିନ୍ତୁ ତାହା କଣ ଆମ ସମାଜରୁ ବିଲୁପ୍ତ ହେବ ନାହିଁ? ସକାଳୁ ଆରମ୍ଭ କରି ରାତ୍ରୀ ଶେଷ ପର୍ଯ୍ୟନ୍ତ ଲୋକେ କେବଳ ହା ଟଙ୍କା ହା ଟଙ୍କା କହି, କେବଳ ଟଙ୍କା ପଛରେ ଧାଇଁ ଧାଇଁ ନୟାନ୍ତ ହୋଇ ଗଲେଣି ହେଲେ ସୁଦ୍ଧା ତାଙ୍କର ତୃଷ୍ଣା ବଳ ବଢର ରହୁଛି! ମହାନ୍ ସନ୍ଥ ଗୋସ୍ୱାମୀ ତୁଳସୀ ଦାସ ନିଜର ରାମ ଚରିତ ମାନସରେ ଅତି ସୁନ୍ଦର ଭାବେ ଲେଖିଥିଲେ, ବଡେ ଭା ମାନୁସ୍ ତନୁ ପାଓ୍ୱା। ଅର୍ଥାତ୍ ଆମର ଏହି ମନୁଷ୍ୟ ଜନ୍ମ ବହୁ ଭାଗ୍ୟରେ ମିଳିଛି। କିନ୍ତୁ ଆମେ ତାହା କଣ ସାର୍ଥକ କରି ପାରିଚେ? ଯେଉଁ ଭାରତ ବର୍ଷ ଦିନେ ଆଧାତ୍ମିକତାର ସିଡି ଧରି ବିଶ୍ୱ ଇତିହାସରେ ନିଜର ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲା, ତାହା ବର୍ତ୍ତମାନ ବିଲୁପ୍ତ ପ୍ରାୟ ଅବସ୍ଥାରେ ଆସି ପହଞ୍ଚିଲାଣି। ତେବେ ଏପରି ଏକ କୋଳାହଳମୟ ତଥା ବ୍ୟସ୍ତ ବହୁଳ ଜୀବନ ମଧ୍ୟରୁ କ'ଣ ଆମେ ନିସ୍ତାର ପାଇ ପାରିବା ନାହିଁ? ତେବେ ନିଶ୍ଚିତ ରୂପେ କୁହାଯାଇ ପାରେ ଯେ, ମହାପୁରୁଷ ମାନଙ୍କ ଆଦର୍ଶ ଜୀବନ, ଅକାଟ୍ୟ ବଚନ ଓ ବାଣୀ ଆମକୁ ସତ୍ ପଥରେ ଆଗେଇ ନେବା ପାଇଁ ପ୍ରେରଣା ଦେବ।



ଶ୍ରୀମଦ୍ ଭାଗବତ ଗୀତାରେ ସ୍ପଷ୍ଟ ରୂପେ ଲେଖା ଯାଇଛି, ସମାଜରେ ଯେତେବେଳେ, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଅନିତି, ହିଂସା ତଥା ଧର୍ମ ନାମରେ ଅଧର୍ମର ବାତାବରଣ ସୃଷ୍ଟି ହୁଏ, ସେ ସମୟରେ ଭଗବାନ ସ୍ୱଂୟ ବିଭିନ୍ନ ଅବତାର ମାଧ୍ୟମରେ ଧରାବତରଣ କରନ୍ତି ଏବଂ ଲୋକ ମାନଙ୍କୁ ସଠିକ୍ ମାର୍ଗ ଦେଖାନ୍ତି। ଶ୍ରୀ ରାମକୃଷ୍ଣ ପରମହଂସ ଥିଲେ ସେହି ମହାପୁରୁଷ ଯିଏ ଏହି ସଂସାରରେ ସତ୍ୟକୁ ଖୁବ୍ ନିକଟରୁ ବୁଝି ପାରିଥିଲେ। ସେ ମର୍ମେ ମର୍ମେ ଅନୁଭବ କରିଥିଲେ, ଯେ ଈଶ୍ୱରଙ୍କ ସତ୍ତା ରହିଛି ଏବଂ ତାଙ୍କୁ ନିଜର ମଧ୍ୟ କରି ହେବ। ଲୋକେ କେବଳ ନିଜ ପରିବାରକୁ ନେଇ ଚିନ୍ତିତ, କିନ୍ତୁ କେତେ ଜଣ ଅଛନ୍ତି,ଯେଉଁମାନେ ଇଶ୍ୱରଙ୍କୁ ପାଇବା ପାଇଁ ଚିନ୍ତିତ? ବାସ୍ତବିକ୍ ଶ୍ରୀ ରାମକୃଷ୍ଣ ପରମହଂସ ଓ ତାଙ୍କ ଧର୍ମ ପତ୍ନୀ ମା ସାରଦା ଏହି ବିପଥ ଗାମୀ ସମାଜ ପାଇଁ ଏକ ଏକ ଉଦାହରଣ କହିଲେ କିଛି ଭୁଲ ହେବ ନାହିଁ। ସେମାନେ ଦେଖେଇ ଯାଇଛନ୍ତି ଯେ, ସଂସାରରେ ରହି ମଧ ଈଶ୍ୱର ଲାଭ କରି ହେବ। ସେ କହୁଥିଲେ, ଜୀବନ ର ମୂଳ ଲକ୍ଷ୍ୟ ହେଉଛି ଭଗବତ୍ ପ୍ରାପ୍ତି। ଟଙ୍କା ଜୀବନ ର ଲକ୍ଷ୍ୟ ନୁହେଁ। ଟଙ୍କାରେ କଣ ହୁଏ? ଭାତ ହୁଏ, ଡାଲି ହୁଏ, ରହିବାର ଘର ହୁଏ। ପିନ୍ଧିବା ପାଇଁ କପଡା ହୁଏ, ଏ ପର୍ଯ୍ୟନ୍ତ। କିନ୍ତୁ କଣ ଏହି ଟଙ୍କାରେ ଭଗବତ୍ ପ୍ରୀତି ପ୍ରାପ୍ତି ହୋଇ ପାରେ? ପାଣି ରେ ଡଙ୍ଗା ରହିଲେ କ୍ଷତି ନାହିଁ। କିନ୍ତୁ ଡଙ୍ଗାରେ ଯଦି ପାଣି ପଶିଯାଏ, ତେବେ ସରିଗଲା କଥା। ସାଧକ ସଂସାରରେ ରହିଲେ କ୍ଷତି ନାହିଁ, କିନ୍ତୁ ତାର ମନ ଭିତରେ ଯେଭଳି ସଂସାର ଭାବ ନ ରୁହେ। ଶ୍ରୀ ରାମକୃଷ୍ଣ କହୁଥିଲେ, ସାପକୁ ଧରିଲା କ୍ଷଣି ସେ ଦଂଶନ କରିବାକୁ ଚେଷ୍ଟା କରେ କିନ୍ତୁ ଯେ, ଧୂଳି ପକା ମନ୍ତ୍ର ଜାଣେ, ସେ ସାତଟା ସାପକୁ ଗଳାରେ ମାଳ କରି ବେଶ୍ ଖେଳ ଦେଖାଇ ପାରେ।



ସେହିପରି ବିବେକ ବୈରାଗ୍ୟ ରୂପକ ମନ୍ତ୍ର ଶିଖି ଯଦି ସଂସାର କରାଯାଏ, ତେବେ ସଂସାରର ମାୟା ମମତା ଆଉ ଆବଦ୍ଧ କରି ପାରେ ନାହିଁ। ଏହି ସଂସାରରେ ଚିନି ଆଉ ବାଲି ମିଶି ରହିଛି। ଆମେ କିନ୍ତୁ ପିମ୍ପୁଡ଼ି ହୋଇ ଚିନିକୁ ଗ୍ରହଣ କରିବା ଓ ବାଲିକୁ ତ୍ୟାଗ କରିବ। ଶ୍ରୀ ରାମକୃଷ୍ଣ ଥିଲେ ସର୍ବ ଧର୍ମ ସମନ୍ୱୟ କାରି ମହାପୁରୁଷ। ସର୍ବ ଧର୍ମ ସମନ୍ୱୟର ଏକ ପ୍ରତୀକ ରୂପେ ସେ ମୁସଲମାନଙ୍କ ପରି ଲୁଙ୍ଗି ପିନ୍ଧି ନମାଜ ପଢୁଥିଲେ ତ ଖ୍ରୀଷ୍ଟିଆନଙ୍କ ପରି ଅନର୍ଗଳ ବାଇବେଲ କହି ପାରୁଥିଲେ। ସେ କହୁଥିଲେ, ଯେତେ ମତ ସେତେ ପଥ। ସବୁ ଧର୍ମ ଏକ, କେବଳ ମତ ଓ ପଥ ଭିନ୍ନ ଅଟେ। ନିଜେ ହିନ୍ଦୁ ହୋଇ ଇସଲାମ ଓ ଖ୍ରୀଷ୍ଟିଆନଙ୍କ ମସଜିଦ ଓ ଗିର୍ଜାକୁ ଯାଇ ଏବଂ ସମସ୍ତ ଧର୍ମାବଲମ୍ବୀ ଭକ୍ତ ମାନଙ୍କୁ ତାଙ୍କ ଓଜସ୍ୱିନି ଅମୃତ ବାଣୀ ଦ୍ୱାରା ସହମତ କରିଥିଲେ। ସ୍ୱାମୀ ବିବେକାନନ୍ଦ ଥିଲେ ତାଙ୍କର ପ୍ରକୃତ ଅନୁଗାମୀ। କାରଣ ସ୍ୱାମୀଜୀ ନଥିଲେ ବୋଧ ହୁଏ ଶ୍ରୀ ରାମକୃଷ୍ଣଙ୍କୁ ସେତେ କେହି ଜାଣି ପାରି ନ ଥାନ୍ତେ, ଏବଂ ରାମକୃଷ୍ଣ ନ ଥିଲେ ବିବେକାନନ୍ଦଙ୍କୁ ମଧ କେହି ଜାଣି ପାରି ନଥାନ୍ତେ। ସ୍ୱାମୀ ବିବେକାନନ୍ଦଙ୍କୁ ଗଢି ତୋଳିବାରେ ଶ୍ରୀ ରାମକୃଷ୍ଣଙ୍କ ଥିଲା ପ୍ରଚ୍ଛନ୍ନ ହାତ। ଶ୍ରୀ ରାମକୃଷ୍ଣ ଓ ମା ସାରଦା ଦେବୀଙ୍କ ଅଶ୍ରିବଦ ପାଇ ସେ ଆମେରିକାର ଚିକାଗୋ ସହରରେ ଭାରତର ମହାନ୍ ସନାତନ ହିନ୍ଦୁ ଧର୍ମକୁ ସାରା ବିଶ୍ୱରେ ମହିମା ମଣ୍ଡିତ କରି ପାରିଥିଲେ। ପ୍ରକୃତରେ ଆମେ ଯଦି ଏହି ମହାନ୍ କାଳୀ ସାଧକ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ବଚନ ଓ ବାଣୀକୁ ଆମ ଜୀବନରେ ଗ୍ରହଣ କରିବା ତେବେ ଆମ ଜୀବନ ଧନ୍ୟ ହୋଇଯିବ।

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ*
*ବିଦ୍ୟାପୀଠ କୋରାପୁଟ*
*ଦୂରଭାଷ: ୭୮୯୪୦୦୫୪୫୫*



# କୋଟିଆରେ ଆନ୍ଧ୍ର ଅନୁପ୍ରବେଶର ଖବର ସରକାରଙ୍କ ପାଖରେ ନାହିଁ : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର :** କୋରାପୁଟ ଜିଲ୍ଲାର ସୀମାବର୍ତ୍ତୀ କୋଟିଆ ପଞ୍ଚାୟତରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ସହ ନିୟମିତ ଭାବେ ଅନୁପ୍ରବେଶ ହେଉଥିଲେ ମଧ ଓଡ଼ିଶା ସରକାରଙ୍କ ପାଖରେ ଏନେଇ କୌଣସି ତଥ୍ୟ ନାହିଁ। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶୁକ୍ରବାର ବିଧାନସଭାରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଅଫିସରମାନେ କୋଟିଆରେ ରାସନ କାର୍ଡ କିମ୍ବା ଭତ୍ତା ବଣ୍ଟନ କରିବାର ତଥ୍ୟ ଜିଲ୍ଲା ପ୍ରଶାସନ ପାଖରେ ଉପଲବ୍ଧ ନାହିଁ ବୋଲି କହି ପରୋକ୍ଷରେ ଆନ୍ଧ୍ରପ୍ରଦେଶର ମନମାନୀକୁ ଲୁଚାଇବାକୁ ଉଦ୍ୟମ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସୀମାବର୍ତ୍ତୀ କୋଟିଆ ପଂଚାୟତରେ ଆନ୍ଧ୍ରପ୍ରଦେଶ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଜାରି ରହିଥିଲେ ମଧ ଓଡ଼ିଶା ସରକାର ଏହାକୁ ନେଇ ବେପରୁଆ ମନୋଭାବ ପୋଷଣ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକଙ୍କ ବିଧାନସଭାରେ ଲିଖିତ ଉତ୍ତର ଓଡ଼ିଶା ସରକାରଙ୍କ କୋଟିଆକୁ ନେଇ ଆଭିମୁଖ୍ୟକୁ ପଦାରେ ପକାଇଛି। ବିଜେପି ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ସରକାରଙ୍କ ଅଧିକାରୀମାନେ ୨୦୨୧ ମସିହାରେ କୋଟିଆ ଗ୍ରାମପଂଚାୟତରେ ଅନୁପ୍ରବେଶ କରିବା ସହିତ ଏଠାରେ ରାସନ କିମ୍ବା ଭତ୍ତା ବଣ୍ଟନ କରିବାର ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଉପଲବ୍ଧ ନାହିଁ। କୋଟିଆରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ ହୋଇନାହିଁ। ସେଭଳି କିଛି କାର୍ଯ୍ୟକଳାପ ଦୃଷ୍ଟିଗୋଚର ହେଲେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ମାତ୍ର ୨୦୧୯ ମସିହାରୁ କୋଟିଆ ପଞ୍ଚାୟତରେ ଆନ୍ଧ୍ରପ୍ରଦେଶ ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ଓ ଏହାକୁ ନେଇ ବିଧାନସଭାରେ ଅନେକ ଥର ଆଲୋଚନା ହେବା ସହ ଖୋଦ୍ ମୁଖ୍ୟମନ୍ତ୍ରୀ ନିଜେ ବାରମ୍ବାର ସମୀକ୍ଷା କରିଥିବା ସତ୍ତ୍ୱେ ଆନ୍ଧ୍ରର ଅନୁପ୍ରବେଶ ଖବରକୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ତଥ୍ୟ ଉପଲବ୍ଧ ନାହିଁ କହି ଏଡ଼ାଇଯିବା ଭବିଷ୍ୟତରେ ଓଡ଼ିଶା ପାଇଁ ବୁମେରାଂ ସାବ୍ୟସ୍ତ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଦୟା ୱେଷ୍ଟ କେନାଲ ସଂଲଗ୍ନ ରାସ୍ତାର ହେବ ଉନ୍ନତିକରଣ

**ଭୁବନେଶ୍ୱର :** ଦୟା ୱେଷ୍ଟ କେନାଲ ସଂଲଗ୍ନ ରାସ୍ତାର ଉନ୍ନତିକରଣ ନିମନ୍ତେ ପ୍ରକ୍ରିୟା ଖୁବ୍ ଶିଘ୍ର ଆରମ୍ଭ କରାଯିବ। ଏହା ଦ୍ୱାରା କଟକର ବାରଙ୍ଗ ଏବଂ ଜଟଣୀର ରେତଙ୍ଗ ମଧ୍ୟରେ ସିଧାସଳଖ ସଡ଼କ ସଂଯୋଗ ହୋଇପାରିବ। ଏଥିସହ କଟକ ପୁରୀ ରୋଡ ଠାରୁ ରବି ଟକିଜ ଏବଂ ଜୟଦେବ ବିହାର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଟ୍ରାଫିକ୍ ଭିଡ ନିୟନ୍ତ୍ରଣ କରାଯାଇପାରିବ। ଏ ସଂପର୍କରେ ଏକ ବୈଠକ ମୁଖ୍ୟ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏହି ସଡ଼କ ଉନ୍ନତିକରଣ ସଂପର୍କରେ ସୂଚନା ଦେଇଥିଲେ। ଏହି କେନାଲ ସଂଲଗ୍ନ ୪ଟି ଷ୍ଟ୍ରେଚରେ ୬ ଲେନ



ବିଶିଷ୍ଟ ପ୍ରାୟ ୩୮ କିଲୋମିଟର ଦୈର୍ଘ୍ୟ ରାସ୍ତା ନିର୍ମାଣ କରାଯିବ। ଏଥି ନିମନ୍ତେ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରଥମ ଷ୍ଟ୍ରେଚରେ ୧୩.୭୪ କି.ମି, ଦ୍ୱିତୀୟ ଷ୍ଟ୍ରେଚରେ ୭.୨୯କି.ମି, ତୃତୀୟରେ ୩.୧୬ ଏବଂ ଚତୁର୍ଥ ଷ୍ଟ୍ରେଚରେ ୧୩.୮୪ କି.ମି ରାସ୍ତା ଉନ୍ନତିକରଣ ନେଇ ଶ୍ରୀ ଯାଦବ ବୈଠକରେ ସୂଚନା ଦେଇଥିଲେ।

## ମୟୁରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଓ ଶିମିଳିପାଳର ସୁରକ୍ଷା ଦାବି

# ମାର୍ଚ୍ଚ ୧୫ରୁ ପରିକ୍ରମା କରିବ 'ଅଖଣ୍ଡ ମୟୁରଭଞ୍ଜ' ସଚେତନତା ରଥଯାତ୍ରା

**ମୟୁରଭଞ୍ଜ:** ମିଶ୍ରଣ ଚୁକ୍ତି ଅନୁଯାୟୀ ପ୍ରଥମେ ମୟୁରଭଞ୍ଜ ରାଜ୍ୟ ଭାରତବର୍ଷ ସହିତ ସାମିଲ ହୋଇଥିଲା ତାପରେ ମୟୁରଭଞ୍ଜକୁ ଓଡିଶା ରାଜ୍ୟ ଅଧୀନରେ ରଖାଯାଇଥିଲା। ମିଶ୍ରଣ ଚୁକ୍ତି ଅନୁଯାୟୀ ବହୁ ସର୍ତ୍ତାବଳୀ ରହିଥିବା ସତ୍ତ୍ୱେ ମିଶ୍ରଣ ପରଠାରୁ ଆଜି ପର୍ଯ୍ୟନ୍ତ ସର୍ତ୍ତାବଳୀ ଅନୁଯାୟୀ କୌଣସି ସର୍ତ୍ତ ରାଜ୍ୟ ସରକାର ପୂରଣ କରିନାହାନ୍ତି। ରାଜାରାଜୁଡ଼ା ଶାସନ ବେଳେ ଥିବା ସମୃଦ୍ଧଶାଳୀ ମୟୁରଭଞ୍ଜ ଆଜି ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ ଅବସ୍ଥାରେ, ବିକାଶ ତ ଦୂରର କଥା କ୍ରମାଗତ ଭାବେ ବିନାଶ ହୋଇଚାଲିଛି। ରାଜାରାଜୁଡ଼ା ସମୟରେ ଥିବା କୋଠାବାଡି ଆଜି ପର୍ଯ୍ୟନ୍ତ ବ୍ୟବହାର ହୋଇଚାଲିଛି ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା।ଉପକୂଳ ବର୍ତ୍ତୀ ନେତାଙ୍କ ଚାପ ତଥା ମୟୁରଭଞ୍ଜର ଅପାରଗ ନେତାଙ୍କ ମୌନବ୍ରତ ଯୋଗୁଁ କ୍ରମାଗତ ଭାବେ ଆଜି ପର୍ଯ୍ୟନ୍ତ ଆମ ମାଆ ମାଟି ଅବହେଳାର ଶିକାର ହୋଇଆସୁଛି ଏମିତିକି ମୌଳିକ ସମସ୍ୟାର ସମାଧାନ ପାଇଁ ମଧ ଆନ୍ଦୋଳନ କରିବାକୁ ପଡୁଛି। ତାସହିତ ଅଖଣ୍ଡ ମୟୁରଭଞ୍ଜର ମୁକୁଟ ତଥା ପରିଚୟ ଶିମିଳିପାଳ ଆଜି ଖୋଦ ବନ୍ୟ ବିଭାଗ ଅଧିକାରୀଙ୍କ ମାଧ୍ୟମରେ ତାର ସୌନ୍ଦର୍ଯ୍ୟ ହରାଇ ବସିଲାଣି। ଅବାଧ ବାଘ ହାତୀର ଶିକାର, ମୂଲ୍ୟବାନ ବୃକ୍ଷ କଟା ଯୋଗୁଁ ସବୁଜିମା ଶିମିଳିପାଳ ଆଜି ଶ୍ରୀହୀନ ହେବାକୁ ବସିଲାଣି। ଏଣୁ ପୁନର୍ବାର ମୟୁରଭଞ୍ଜକୁ ତାର ପୂର୍ବ ପରିଚୟ 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା' ର ଦାବୀ ସହିତ ଶିମିଳିପାଳ ସୁରକ୍ଷା ଏବଂ କ୍ରମାଗତ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ମୟୁରଭଞ୍ଜ ପ୍ରତି ହୋଇଆସୁଥିବା ଅବହେଳା ସାଧାରଣ ଜନତାଙ୍କୁ ଅବଗତ କରେଇବା ପାଇଁ ଆସନ୍ତା ମାର୍ଚ୍ଚ ମାସ ୧୫ତାରିଖ ଠାରୁ 'ଅଖଣ୍ଡ ମୟୁରଭଞ୍ଜ' ନାମକ ଏକ ସଚେତନତା ରଥଯାତ୍ରା ଶୁଳିଆପଦା ବ୍ଲକ ରୁ ଆରମ୍ଭ ହୋଇ ସମଗ୍ର ମୟୁରଭଞ୍ଜ ପରିକ୍ରମା କରି ବାରିପଦା ଠାରେ ସମାପ୍ତ ହେବ ଏବଂ ମୌଳିକ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଭୋଟ ରାଜନୀତି କରିବା ଉଦ୍ଦେଶରେ ଅଖଣ୍ଡ ମୟୁରଭଞ୍ଜକୁ ଖଣ୍ଡ ବିଖଣ୍ଡିତ କରିବାର ଯୋଉ କୁତ୍ସିତ ରାଜନୀତି ରାଜ୍ୟ ସରକାର କରୁଛନ୍ତି ମାଆ କିଚକେଶ୍ୱରୀ କଦାପି ଏହାକୁ ବରଦାସ୍ତ କରିବେନି ଆଉ ଆଗାମୀ ସାଧାରଣ ନିର୍ବାଚନରେ ଅଖଣ୍ଡ ମୟୁରଭଞ୍ଜର ଜନସାଧାରଣ ବିଭାଜନକାରୀ ଦଳକୁ ସଂମ୍ପୂର୍ଣ ମୂଳପୋଛ କରିଦେବେ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ମା' ଓ ଶିଶୁର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରାମର୍ଶ ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର :** ସ୍ଥାନୀୟ ଭଞ୍ଜ କଳାମଣ୍ଡପରେ ମା ଜାନକୀ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ପ୍ରାଧାପକ (ଡାକ୍ତର) ଅଶୋକ କୁମାର ମିଶ୍ରଙ୍କ ଲିଖିତ ମା' ଓ ଶିଶୁର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରାମର୍ଶ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଡାକ୍ତର ମଦନମୋହନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଖଣ୍ଡପଡା ଓ 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକଟିକୁ ଲୋକାର୍ପିତ କରିବା ସହିତ ଭୂୟସୀ ପ୍ରଶଂସା କରିଥିଲେ। ପୂର୍ବରୁ ଓଡ଼ିଆରେ ଶିଶୁପରିଚର୍ଯ୍ୟା ବହି ନଥିବାରୁ ତାଙ୍କ ମା' ବଙ୍ଗଳା ବହି ପଢ଼ି ଅନେକ ତଥ୍ୟ ଜାଣୁଥିଲେ। ବିଷୟ ଜ୍ଞାନ ଏବଂ ମାତୃଭାଷା ଜ୍ଞାନ ଥିଲେ ସ୍ୱାସ୍ଥ୍ୟ ବିଜ୍ଞାନ ଓ ଡାକ୍ତରୀ ପୁସ୍ତକ ମଧ ଲେଖିହେବ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଥିଲେ। ଏଥିରେ 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ



ସାରଗର୍ଭକ ଭାଷଣରେ ମା'ର ଆବଶ୍ୟକତା କେତେ ଓ ଆଜି ମହିଳାମାନେ କେତେ ଅବହେଳିତ ସେ ସମ୍ପର୍କରେ କହିଥିଲେ। ଗର୍ଭବତୀ ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଠିକ୍ ରହିଲେ ସୁସ୍ଥ ଶିଶୁର ଜନନୀ ହୋଇପାରିବେ ବୋଲି ସେ କହିଥିଲେ। ଏତଦ୍‌ବ୍ୟତୀତ ମା ଜାନକୀ ସ୍ୱାସ୍ଥ୍ୟ ମିଶନର ଅଧକ୍ଷ ଡାକ୍ତର ମଦନ ମୋହନ ପାଢ଼ୀ, ନିରଞ୍ଜନ ସାହୁ, ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ, ପ୍ରଫେସର ଡାକ୍ତର ସିନ୍ଧୁନନ୍ଦିନୀ ତ୍ରିପାଠୀ, ପ୍ରଫେସର ଡାକ୍ତର ଚତୁର୍ଭୁଜ ନାୟକ ଶାରୀରିକ, ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ଇତ୍ୟାଦିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ପ୍ରତି ଚିକିତ୍ସା ବିଜ୍ଞାନର ଉନ୍ନତି ଯୋଗୁ ପୂର୍ବାପେକ୍ଷା ମାତୃ ଓ ଶିଶୁ ମୃତ୍ୟୁହାର କମିଛି। ପ୍ରତ୍ୟେକ ଚିକିତ୍ସକ ଆଗେଇ ଆସିଲେ ଏସବୁ ସମ୍ଭବ। ଡାକ୍ତର ମିଶ୍ରଙ୍କ ଲିଖିତ ପୁସ୍ତକଟି ମାତୃ ଓ ଶିଶୁ ମୃତ୍ୟୁହାର କମାଇବାକୁ ସହାୟକ ହେବ। ପରିଶେଷରେ ଡାକ୍ତର ଉମେଶ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କ୍ରାପ ହେବ ୨୦ ଲକ୍ଷରୁ ଅଧିକ ଗାଡ଼ି

**ଭୁବନେଶ୍ୱର :** ରାଜ୍ୟରେ ସ୍କ୍ରାପ ହେବ ୨୦ଲକ୍ଷ ୩୯ ହଜାର ୫୦୦ ଗାଡ଼ି। ଯେଉଁ ଗାଡ଼ି ଗୁଡ଼ିକ ୧୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ଓ ଯେଉଁ ଗାଡ଼ି ଗୁଡ଼ିକର ଫିଟ୍‌ନେସ ନଥିବ, ସେଗୁଡ଼ିକୁ ସ୍କ୍ରାପ୍ କରାଯିବ। ସ୍କ୍ରାପ୍ ହେବାକୁ ଥିବା ଗାଡ଼ି ଗୁଡ଼ିକ ମଧ୍ୟରେ ସର୍ବାଧିକ ୧୨ ଲକ୍ଷ ୯୯ ହଜାର ୩୫୧ଟି ମୋଟର ସାଇକେଲ/ସ୍କୁଟର ରହିଛି। ବିଧାନସଭାରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏହି ତଥ୍ୟ ଦେଇଛନ୍ତି। ବିଜେପି ବିଧାୟକ କୁସୁମ ଟେଟେଙ୍କ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଟୁକୁନି ସାହୁ ଏହି ତଥ୍ୟ ଦେଇଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟରେ ୮୦ ଲକ୍ଷ ୨୦ ହଜାର ୫୦୦ ଗାଡ଼ିର ଫିଟ୍‌ନେସ୍ ରହିଛି। ଫିଟ୍‌ନେସ୍ ନଥିବା ଗାଡ଼ି ଗୁଡ଼ିକୁ ସ୍କ୍ରାପିଂ ପାଇଁ ରାଜ୍ୟ ସରକାର ସ୍କ୍ରାପ୍ ପଲିସି ୨୦୨୨ ପ୍ରଣୟନ କରିଛନ୍ତି। ସେହିପରି ମନ୍ତ୍ରୀ ଟୁକୁନି ସାହୁ ରାଜ୍ୟରେ ଘଟୁଥିବା ସଡ଼କ ଦୁର୍ଘଟଣା ସଂପର୍କିତ କିଛି ତଥ୍ୟ ଉପସ୍ଥାପନ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ



ସଚେତକ ମୋହନ ଚରଣ ମାଝୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ୨୦୨୧ ମସିହାରେ ସର୍ବଭାରତୀୟ ସ୍ତରରେ ସଡ଼କ ଦୁର୍ଘଟଣା ପୂର୍ବବର୍ଷ ତୁଳନାରେ ୧୨.୬୪% ବୃଦ୍ଧି ପାଇଥିବା ବେଳେ ତତ୍‌ଜନିତ ମୃତୁସଂଖ୍ୟା ୧୬.୦୯%କୁ ବୃଦ୍ଧି ପାଇଛି। ଆମ ରାଜ୍ୟରେ ୨୦୨୧ ମସିହାରେ ପୂର୍ବବର୍ଷ ତୁଳନାରେ ସଡ଼କ ଦୁର୍ଘଟଣା ଓ ତତ୍ଜନିତ ମୃତ୍ୟୁସଂଖ୍ୟାର ବୃଦ୍ଧି ହାର ଯଥାକ୍ରମେ ୧୧.୮୯% ଓ ୭.୦୪% ରହିଛି, ଯାହାକି ସର୍ବଭାରତୀୟ ସ୍ତରଠାରୁ କମ୍। ରାଜ୍ୟରେ ମଦ୍ୟପାନ ଯୋଗୁ ଘଟୁଥିବା ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସମୁଦାୟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାର ୧.୬୩% ବୋଲି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି।

# ଡାକଘରେ ମିଳିବ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଯୋଗ୍ୟ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ। ଏହାର ୧୩ତମ କିସ୍ତି ଫେବ୍ରୁଆରି ୨୮ ତାରିଖରେ ପଞ୍ଜୀକୃତ ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା କରାଯିବ। ଯୋଗ୍ୟ ହିତାଧିକାରୀ ଏହାର ଲାଭ ଉଠାଇବା ପାଇଁ ଜମା ଖାତା ସହ ଆଧାର କାର୍ଡ ସଂଯୋଗ ଜରୁରୀ। ଏହାକୁ ଅନୁଶୀଳନ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ବକେୟା କିସ୍ତି ପୈଠ ନିମନ୍ତେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ସଂଯୋଗ ହୋଇଥିବା ବ୍ୟାଙ୍କ ଖାତା ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ସମସ୍ତ ଡାକଘର ମାନଙ୍କରେ ପୋଷ୍ଟ ମ୍ୟାନ ଏବଂ ଗ୍ରାମୀଣ ଡାକ ସେବକମାନଙ୍କ ଦ୍ୱାରା ଯୋଗ୍ୟ ଚାଷୀମାନେ କିସ୍ତି ବାବଦରେ ଅର୍ଥ ଉଠାଣ କରିପାରିବେ। ଡାକଘର ସହିତ ସମ୍ପର୍କ କରି ଆଧାର ସଂଲଗ୍ନ ଜମା ଖାତା ଖୋଲି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ପରବର୍ତ୍ତୀ କିସ୍ତି ଉଠାଣର ସୁବିଧା ନେବାକୁ ଡାକ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ଉତ୍କଳ ଦିବସରୁ ଭୁବନେଶ୍ୱରରୁ ଦୁବାଇକୁ ଉଡିବ ବିମାନ

**ଭୁବନେଶ୍ୱର :** ବିମାନ ଚଳାଚଳ ଇତିହାସରେ ଓଡ଼ିଶା ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଆସନ୍ତା ଉତ୍କଳ ଦିବସରେ ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ଅନ୍ତର୍ଜାତୀୟ ବିମାନ ସେବା ଭେଟି ଦେବେ। ଏହି ଦିନ ଇଣ୍ଡିଗୋ ବିମାନ ପ୍ରଥମ ଥର ପାଇଁ ସିଧାସଳଖ ଦୁବାଇକୁ ଉଡ଼ିବ। ବିଦେଶକୁ ବିମାନ ଉଡ଼ାଣ ପାଇଁ ପ୍ରସ୍ତୁତ ଥିବା ନେଇ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। କିନ୍ତୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ-୨ର ପୁନଃ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବାରୁ ବିମାନ ପାଇଁ ଟିକଟ ବୁକିଂ ଆରମ୍ଭ ହୋଇ ନାହିଁ। ଏକ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରହିଥିବାରୁ ଏପ୍ରିଲ ୧ ତାରିଖରୁ ଦୁବାଇକୁ ବିମାନ ଉଡ଼ାଣ ଆରମ୍ଭ ହେବା ନେଇ ଆଶାବାଦୀ ଥିବା ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏହା ପରେ ପରେ ସିଙ୍ଗାପୁର ଓ ବ୍ୟାଙ୍ଗକକ୍‌କୁ ଇଣ୍ଡିଗୋ ବିମାନ ଉଡ଼ାଣ ଆରମ୍ଭ ହେବ ବୋଲି କୁହାଯାଇଛି। ବିଭିନ୍ନ ଦୃଷ୍ଟିକୋଣରୁ ରାଜ୍ୟର ଗୁରୁତ୍ୱ ବୃଦ୍ଧି ପାଉଥିବା ବେଳେ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଯଥେଷ୍ଟ ଆବଶ୍ୟକତା ରହିଥିଲା।





ଅପରପକ୍ଷେ ଦୁବାଇ ଗସ୍ତ ସମୟରେ ସେଠାକାର ପ୍ରବାସୀ ଓଡ଼ିଆ ସଂଗଠନଙ୍କ ଅନୁରୋଧ ରକ୍ଷା କରି ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ରକ୍ଷା କରି ରାଜ୍ୟ ସରକାର ଦୁବାଇ, ବ୍ୟାଙ୍ଗକକ୍ ଏବଂ ସିଙ୍ଗାପୁରକୁ ସିଧାସଳଖ ବିମାନ ଚଳାଇବା ପାଇଁ ଟେଣ୍ଡର ଜରିଆରେ ଇଣ୍ଡିଗୋ ଏୟାରଲାଇନ୍ସକୁ ଦାୟିତ୍ୱ ଦେଇଛନ୍ତି। ଗତ ଡିସେମ୍ବର ୨୭ ତାରିଖରେ ରାଜ୍ୟ କ୍ୟାବିନେଟ୍ ଏହି ନିଷ୍ପତ୍ତି ଉପରେ ମୋହର ମାରିଥିଲା। ତେବେ କୋଭିଡ୍ ପରଠାରୁ ଅନ୍ତର୍ଜାତୀୟ ବିମାନ ପାଇଁ ବ୍ୟବହାର ହେଉଥିବା ଟର୍ମିନାଲ-୨ ବନ୍ଦ ହୋଇ ରହିଛି। କିଛି ମାସ ତଳେ ସ୍ଥାନୀୟ ଏଏଆଇ କର୍ତ୍ତୃପକ୍ଷ ଟର୍ମିନାଲ-୨ର ପୁନଃ ନିର୍ମାଣ କାମ ଆରମ୍ଭ କରିଥିଲେ। ଫେବୃଆରୀ ମାସ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବା କଥା। ତେଣୁ ମାର୍ଚ୍ଚ ୫ ତାରିଖ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସରେ ଭୁବନେଶ୍ୱର-ଦୁବାଇ ବିମାନ ଚଳାଚଳ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କାମ ଶେଷ ହେବା ପାଇଁ ଆହୁରି ମାସେ ଦରକାର। ତେଣୁ ଏପ୍ରିଲ ୧ ତାରିଖରୁ ଦୁବାଇକୁ ବିମାନ ଉଡ଼ାଣ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଛି। ତଥାପି ଟର୍ମିନାଲର ମରାମତି କାର୍ଯ୍ୟ ଶେଷ ହେବା ଉପରେ ସବୁ କିଛି ନିର୍ଭର କରୁଛି। ମିଳିଥିବା ସୂଚନା ଅନୁସାରେ ଇଣ୍ଡିଗୋ ଏୟାରଲାଇନ୍ସ ଦୁବାଇକୁ ବିମାନ ଉଡ଼ାଣ ଆରମ୍ଭ ପାଇଁ ଡିଜିସିଏକୁ ସ୍ଲଟ୍ ମାଗିଥିବା ବେଳେ ତାହା ମିଳି ସାରିଛି। ତେଣୁ କେବଳ ବିଧିବଦ୍ଧ ଘୋଷଣା ଏବଂ ଟିକଟ ବୁକିଂ ଆରମ୍ଭକୁ ଅପେକ୍ଷା ରହିଛି। ସୂଚନାଯୋଗ୍ୟ ଯେ, ପ୍ରଥମଥର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ତିନିଟି ଦେଶକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଯାଉଛନ୍ତି। ପର୍ଯ୍ୟାୟକ୍ରମେ ଦୁବାଇ, ସିଙ୍ଗାପୁର ଏବଂ ବ୍ୟାଙ୍ଗକକ୍‌କୁ ଯଥାକ୍ରମେ ତିନିଟି ଏବଂ ଦୁଇଟି ୧୮୬ ସିଟ୍ ଥିବା ବିମାନ ଉଡ଼ାଣ କରିବ। ରାଜ୍ୟ ସରକାର ବିମାନର ଚଳାଚଳର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ ଏବଂ ଟିକଟ ମୂଲ୍ୟ ରାଜ୍ୟ ସରକାର ରଖିବେ। ଫଳରେ ଟିକଟ ମୂଲ୍ୟ ଅପେକ୍ଷାକୃତ ଶସ୍ତା ହେବା ସମ୍ଭାବନା ଅଛି। ଅନ୍ତର୍ଜାତୀୟ ବିମାନ ଉଡ଼ାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ବିମାନ ଇନ୍ଧନ ଏଭିଏସନ୍ ଟର୍ବାଇନ୍ ଫ୍ୟୁଏଲ୍ (ଏଟିଏଫ୍) ଉପରୁ ଭାଟ୍ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ପୂର୍ବରୁ ଏହାକୁ ୫%କୁ ହ୍ରାସ କରିଥିଲେ। ବାଣିଜ୍ୟ, ଶିଳ୍ପ, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆଇଟି ଦୃଷ୍ଟିରୁ ଏହି ଅନ୍ତର୍ଜାତୀୟ ଉଡ଼ାଣ ବେଶ୍ ମହତ୍ୱ ବହନ କରୁଛି। ୨୦୧୭ ମସିହାରେ ଏୟାର ଏସିଆ ହବ୍ ଆଣ୍ଡ ସ୍ପୋକ୍ ମଡେଲ୍‌ର ଭୁବନେଶ୍ୱର-କୁଆଲାଲୁମ୍ପୁର ମଧ୍ୟରେ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିଥିଲା। ତେବେ ୨୦୨୦ ମାର୍ଚ୍ଚରେ କୋଭିଡ୍ ସଂକ୍ରମଣ ଦୃଷ୍ଟିରୁ ଏହି ସେବାକୁ ବନ୍ଦ ରଖାଯାଇଛି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଡ. ନିରୋଜ କୁମାର ପୋଥାଳଙ୍କୁ 'ବିପଦର ବନ୍ଧୁ' ସମ୍ମାନ

**ବାରିପଦା :** ଓଡିଶା ଅବସରପ୍ରାପ୍ତ ଆରକ୍ଷୀ ପଦାଧିକାରୀ କଲ୍ୟାଣ ସମିତିର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ସଂକଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ମୁଖ୍ୟବକ୍ତା ଭାବେ ଆରକ୍ଷୀ ଅଧକ୍ଷକ ଋଷିକେଶ ଡି ଖିଲାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ପୋଲିସ ବିଭାଗରୁ ଅବସର ନେଇଥିବା ଅଧିକାରୀ ମାନେ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ, ଅବସରପ୍ରାପ୍ତ ଅଧିକାରୀ,



ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶତାଧିକ ବାର ରକ୍ତଦାନ କରି ସାଧସରଣ ଲୋକଙ୍କ ପାଇଁ ଉଦାହରଣ ସାଜିଥିବା ସମାଜ ସେବୀ ଡ. ନିରୋଜ କୁମାର ପୋଥାଳଙ୍କୁ 'ବିପଦର ବନ୍ଧୁ' ସମ୍ମାନରେ ସମ୍ମାନିତ କରା ଯାଇଥିଲା। ଡ. ପୋଥାଳଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଶେଷରେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ ବାବୁ ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିପଦର ବନ୍ଧୁ ସମ୍ମାନରେ ସମ୍ମାନିତ ହେବା ପରେ ଡ. ପୋଥାଳ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି